Inter Agency Group
Odisha

OSDMA

# ବିପର୍ଯ୍ୟୟ ପରିଚାଳନା ପ୍ରକରଣ ପୁସ୍ତିକା

ଏଥିରେ ଅଛି :

**ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫**

**ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ନିୟମାବଳୀ, ୨୦୧୦**

**ସରକାରୀ ବିଜ୍ଞପ୍ତି**

**ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଓ ତା'ର ଉତ୍ତର**

ସଙ୍କଳନ ଓ ଅନୁବାଦ :

**ମହେନ୍ଦ୍ର କୁମାର ଦାସ,** ଏମ୍.ଏ., ଏଲ୍.ଏଲ୍.ବି.

ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ

କଟକ

Published By- IAG Odisha & OSDMA
Supported By-

# ବିପର୍ଯ୍ୟୟ ପରିଚାଳନା ପ୍ରକରଣ ପୁସ୍ତିକା

*ଏଥିରେ ଅଛି :*

**ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫**

**ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ନିୟମାବଳୀ, ୨୦୧୦**

**ସରକାରୀ ବିଜ୍ଞପ୍ତି**

**ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଓ ତା'ର ଉତ୍ତର**


***ସଙ୍କଳନ ଓ ଅନୁବାଦ :***

**ମହେନ୍ଦ୍ର କୁମାର ଦାସ,** ଏମ୍.ଏ., ଏଲ୍.ଏଲ୍.ବି.

ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ

କଟକ



**ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ସଂସ୍ଥା**

# ସୂଚୀପତ୍ର

## ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫


| ଧାରା | ବିଷୟ | ପୃଷ୍ଠାଙ୍କ |
|---|---|---|
| ଧାରା-୧ | ସଂକ୍ଷିପ୍ତ ନାମ, ପରିବ୍ୟାପ୍ତି ଏବଂ ପ୍ରାରମ୍ଭ<br>(Short Title, Extent and Commencement) | 10 |
| ଧାରା-୨ | ପରିଭାଷା<br>(Definitions) | 10 |
| ଧାରା-୩ | ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ପ୍ରତିଷ୍ଠା<br>(Establishment of National Disaster Management Authority) | 14 |
| ଧାରା-୪ | ଜାତୀୟ ପ୍ରାଧିକରଣର ବୈଠକ<br>(Meeting of National Authority) | 14 |
| ଧାରା-୫ | ଜାତୀୟ ପ୍ରାଧିକରଣର ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କର ନିଯୁକ୍ତି<br>(Appointment of Officers and Other Employees of the National Authority) | 15 |
| ଧାରା-୬ | ଜାତୀୟ ପ୍ରାଧିକରଣର କ୍ଷମତା ଏବଂ କାର୍ଯ୍ୟ<br>(Powers and Function of National Authority)15 | |
| ଧାରା-୭ | ଜାତୀୟ ପ୍ରାଧିକରଣ ଦ୍ୱାରା ପରାମର୍ଶଦାତା କମିଟିର ଗଠନ<br>(Constitution of Advisory Committee by National Authority) | 16 |
| ଧାରା-୮ | ଜାତୀୟ କାର୍ଯ୍ୟନିର୍ବାହୀ କମିଟିର ଗଠନ<br>(Constitution of National Executive Committee) | 16 |
| ଧାରା-୯ | ଉପ-କମିଟିର ଗଠନ<br>(Constitution of Sub-committee) | 17 |
| ଧାରା-୧୦ | ଜାତୀୟ କାର୍ଯ୍ୟନିର୍ବାହୀ କମିଟିର କ୍ଷମତା ଓ କାର୍ଯ୍ୟ<br>(Powers and Functions of National Executive Committee) | 18 |

ଧାରା-୧୧ ଜାତୀୟ ଯୋଜନା
(National Plan) 20
ଧାରା-୧୨ ସର୍ବନିମ୍ନ ସାହାଯ୍ୟର ମାନ ନିମନ୍ତେ ପଥ-ପ୍ରଦର୍ଶିକା
(Guidelines for Minimum Standards of Relief) 21
ଧାରା-୧୩ ଋଣ ପରିଶୋଧ ଇତ୍ୟାଦି ପାଇଁ ସାହାଯ୍ୟ
(Relief in Loan Re-payment etc.) 21
ଧାରା-୧୪ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସ୍ଥାପନା
(Establishment of State Disaster Management Authority) 22
ଧାରା-୧୫ ରାଜ୍ୟ ପ୍ରାଧିକରଣର ବୈଠକ
(Meetings of the State Authority) 23
ଧାରା-୧୬ ରାଜ୍ୟ ପ୍ରାଧିକରଣର ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀବର୍ଗଙ୍କ ନିଯୁକ୍ତି
(Appointment of Officers and Other Employees of State Authority) 23
ଧାରା-୧୭ ରାଜ୍ୟ ପ୍ରାଧିକରଣ ଦ୍ୱାରା ପରାମର୍ଶଦାତା କମିଟି ଗଠନ
(Constitution of Advisory Committee by State Authority) 23
ଧାରା-୧୮ ରାଜ୍ୟ ପ୍ରାଧିକରଣର କ୍ଷମତା ଏବଂ କାର୍ଯ୍ୟ
(Powers and Functions of State Authority) 24
ଧାରା-୧୯ ରାଜ୍ୟ ପ୍ରାଧିକରଣ ଦ୍ୱାରା ସର୍ବନିମ୍ନ ମାନର ସାହାଯ୍ୟ ନିମନ୍ତେ ପଥ-ପ୍ରଦର୍ଶିକା
(Guidelines for Minimum Standard of Relief by State Authority) 25
ଧାରା-୨୦ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ଗଠନ
(Constitution of State Executive Committee) 25
ଧାରା-୨୧ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଉପ-କମିଟି ଗଠନ
(Constitution of Sub-committee by State Executive Committee) 26
ଧାରା-୨୨ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର କାର୍ଯ୍ୟାବଳୀ
(Functions of the State Executive Committee) 26
ଧାରା-୨୩ ରାଜ୍ୟ ଯୋଜନା
(State Plan) 28
ଧାରା-୨୪ ଭୟାବହ ବିପର୍ଯ୍ୟୟ ପରିସ୍ଥିତିର ଘଟଣାକ୍ରମେ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର କ୍ଷମତା ଏବଂ କ୍ରିୟାକଳାପ

(Powers and Functions of State Executive Committee in the Event of Threatening Disaster Situation) 29

ଧାରା-୨୫ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗଠନ

(Constitution of District Disaster Management Authority) 32

ଧାରା-୨୬ ଜିଲ୍ଲା ପ୍ରାଧିକରଣର ସଭାପତିଙ୍କ କ୍ଷମତା

(Powers of Chairperson of District Authority) 33

ଧାରା-୨୭ ବୈଠକ

(Meetings) 33

ଧାରା-୨୮ ପରାମର୍ଶଦାତା କମିଟି ଏବଂ ଅନ୍ୟାନ୍ୟ କମିଟିଗୁଡ଼ିକର ଗଠନ

(Constitution of Advisory Committees and Other Committees) 33

ଧାରା-୨୯ ଜିଲ୍ଲା ପ୍ରାଧିକରଣର ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀବର୍ଗଙ୍କ ନିଯୁକ୍ତି

(Appointment of Officers and Other Employees of District Authorities) 34

ଧାରା-୩୦ ଜିଲ୍ଲା ପ୍ରାଧିକରଣର କ୍ଷମତା ଓ କାର୍ଯ୍ୟ

(Powers and Functions of District Authority) 34

ଧାରା-୩୧ ଜିଲ୍ଲା ଯୋଜନା

(District Plan) 38

ଧାରା-୩୨ ବିଭିନ୍ନ ପ୍ରାଧିକରଣଗୁଡ଼ିକଦ୍ୱାରା ଜିଲ୍ଲାସ୍ତରୀୟ ଯୋଜନା ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ

(Plans by Different Authorities at District Level and Their Implementation) 39

ଧାରା-୩୩ ଜିଲ୍ଲା ପ୍ରାଧିକରଣଦ୍ୱାରା ବରାଦ

(Requisition by the District Authority) 40

ଧାରା-୩୪ କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟ ଘଟଣାକ୍ରମେ ଜିଲ୍ଲା ପ୍ରାଧିକରଣର କ୍ଷମତା ଏବଂ କାର୍ଯ୍ୟ

(Powers and Functions of District Authority in the Event of Any Threatening Disaster Situation or Disaster) 40

ଧାରା-୩୫ କେନ୍ଦ୍ର ସରକାରଙ୍କଦ୍ୱାରା ଗ୍ରହଣ କରାଯିବାକୁ ଉଦ୍ଦିଷ୍ଟ ପଦକ୍ଷେପମାନ

(Central Government to Take Measures) 42

ଧାରା-୩୬ ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକର ଦାୟିତ୍ୱ
(Responsibilities of Ministries or Departments of Governments of India) 43
ଧାରା-୩୭ ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକର ବିପର୍ଯ୍ୟୟ ପରିଚାଳନା ଯୋଜନା
(Disaster Management Plans of Ministries or Departments of Government of India) 45
ଧାରା-୩୮ ରାଜ୍ୟ ସରକାରଙ୍କ ପଦକ୍ଷେପ ଗ୍ରହଣ
(State Government to Take Measures) 46
ଧାରା-୩୯ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକର ଦାୟିତ୍ୱ
(Responsibilities of Departments of the State Government) 48
ଧାରା-୪୦ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକର ବିପର୍ଯ୍ୟୟ ପରିଚାଳନା ଯୋଜନା
(Disaster Management Plan of Departments of State) 49
ଧାରା-୪୧ ସ୍ଥାନୀୟ ପ୍ରାଧିକରଣର କାର୍ଯ୍ୟ
(Functions of the Local Authorities) 51
ଧାରା-୪୨ ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନ
(National Institute of Disaster Management) 52
ଧାରା-୪୩ ଜାତୀୟ ଅନୁଷ୍ଠାନର ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ
(Officers and Other Employees of the National Institute) 54
ଧାରା-୪୪ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ
(National Disaster Response Force) 55
ଧାରା-୪୫ ନିୟନ୍ତ୍ରଣ, ନିର୍ଦ୍ଦେଶ ଇତ୍ୟାଦି
(Control, Direction etc.) 55
ଧାରା-୪୬ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି
(National Disaster Response Fund) 56
ଧାରା-୪୭ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି
(National Disaster Mitigation Fund) 56
ଧାରା-୪୮ ରାଜ୍ୟ ସରକାରଙ୍କଦ୍ୱାରା ପାଣ୍ଠିଗୁଡ଼ିକର ସ୍ଥାପନା
(Establishment of Funds by State Government) 57

ଧାରା-୪୯ ମନ୍ତ୍ରଣାଳୟଗୁଡ଼ିକ ଏବଂ ବିଭାଗଗୁଡ଼ିକଦ୍ୱାରା ପାଣ୍ଠିଗୁଡ଼ିକର ଆବ□ନ

(Allocation of Funds by Ministries and Departments) 57

ଧାରା-୫୦ ଜରୁରୀକାଳୀନ ସଂଗ୍ରହ ଏବଂ ହିସାବ

(Emergency Procurement and Accounting) 58

ଧାରା-୫୧ ବାଧାଦେବା ଇତ୍ୟାଦି ନିମନ୍ତେ ଦଣ୍ଡ

(Punishment for Obstruction etc.) 59

ଧାରା-୫୨ ମିଥ୍ୟା ଦାବି ନିମନ୍ତେ ଦଣ୍ଡ

(Punishment for False Claim) 59

ଧାରା-୫୩ ଅର୍ଥ କିମ୍ବା ସାମଗ୍ରୀ ଇତ୍ୟାଦିର ଆତ୍ମସାତ୍‌କରଣ ନିମନ୍ତେ ଦଣ୍ଡ

(Punishment for Misappropriation of Money and Materials etc.) 60

ଧାରା-୫୪ ମିଥ୍ୟା ସତର୍କତା ନିମନ୍ତେ ଦଣ୍ଡ

(Punishment for False Warning) 60

ଧାରା-୫୫ ସରକାରୀ ବିଭାଗଗୁଡ଼ିକ ଦ୍ୱାରା ଅପରାଧ

(Offences by Departments of the Government) 60

ଧାରା-୫୬ ଅଧିକାରୀଙ୍କ କ□ବ୍ୟରେ ବିଫଳତା କିମ୍ବା ଏହି ଅଧିନିୟମର ବ୍ୟବସ୍ଥାବଳୀର ଉଲ୍ଲଂଘନରେ ତାଙ୍କର ଭିତିରି ସହଯୋଗ

(Failure of Officer in Duty or his Connivance at the Contravention of the Provisions of this Act) 61

ଧାରା-୫୭ ବରାଦ ସଂକ୍ରାନ୍ତୀୟ କୌଣସି ଆଦେଶ ଉଲ୍ଲଂଘନ ପାଇଁ ଦଣ୍ଡ

(Penalty for Contravention Any Order Regarding Requisition) 61

ଧାରା-୫୮ କମ୍ପାନୀଗୁଡ଼ିକଦ୍ୱାରା ଅପରାଧ

(Offence by Companies) 61

ଧାରା-୫୯ ଅଭିଯୋଜନ ନିମନ୍ତେ ପୂର୍ବ ମଞ୍ଜୁରୀ

(Previous Sanction for Prosecution) 62

ଧାରା-୬୦ ଅପରାଧଗୁଡ଼ିକର ସଂଜ୍ଞାନ

(Cognizance of Offences) 62

ଧାରା-୬୧ ପକ୍ଷପାତ ବିରୁଦ୍ଧରେ ନିଷେଧ

(Prohibition Against Discrimination) 64

ଧାରା-୬୨ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦେଶ ଜାରି କରିବାର କ୍ଷମତା
(Power to Issue Direction by Central Government) 64
ଧାରା-୬୩ ଉଦ୍ଧାର କାର୍ଯ୍ୟ ପରିଚାଳନା ନିମନ୍ତେ କ୍ଷମତା ଉପଲବ୍ଧ ହେବ
(Powers to be Made Available for Rescue Operation) 64
ଧାରା-୬୪ କେତେକ ପରିସ୍ଥିତିରେ ନିୟମାବଳୀ ଇତ୍ୟାଦି ପ୍ରଣୟନ କରିବା ଏବଂ ତହିଁର ସଂଶୋଧନ କରିବା
(Making or Amending Rules etc. in Certain Circumstances) 65
ଧାରା-୬୫ ଉଦ୍ଧାର କାର୍ଯ୍ୟ ଇତ୍ୟାଦି ନିମନ୍ତେ ସମ୍ବଳ, ଖାଦ୍ୟଦ୍ରବ୍ୟ, ଯାନବାହନ ଇତ୍ୟାଦିର ବରାଦ ନିମନ୍ତେ କ୍ଷମତା
(Power of Requisition of Resources, Provisions, Vehicles etc. for Rescue Operation etc.) 65
ଧାରା-୬୬ କ୍ଷତିପୂରଣ ପ୍ରଦାନ
(Payment of Compensation) 66
ଧାରା-୬୭ ସତର୍କତା ଇତ୍ୟାଦିର ସଂସୂଚନା ନିମନ୍ତେ ଗଣ-ମାଧ୍ୟମକୁ ନିର୍ଦ୍ଦେଶ
(Direction to Media for Communication of Warning etc.) 68
ଧାରା-୬୮ ଆଦେଶାବଳୀ କିମ୍ବା ନିର୍ଦ୍ଦେଶାବଳୀର ଅଧିପ୍ରମାଣ
(Authentication of Orders or Directions) 68
ଧାରା-୬୯ କ୍ଷମତାର ଅଧିକାର ଅର୍ପଣ
(Delegation of Powers) 68
ଧାରା-୭୦ ବାର୍ଷିକ ବିବରଣୀ
(Annual Report) 68
ଧାରା-୭୧ ନ୍ୟାୟାଳୟର ଆଧିକାରିତାର ପ୍ରତିବନ୍ଧ
(Bar of Jurisdiction of Court) 69
ଧାରା-୭୨ ଅଧିନିୟମର ଅଧାରୋହୀ ପ୍ରଭାବ
(Act to Have Overriding Effect) 69
ଧାରା-୭୩ ସଦ୍‌ଭାବନାପୂର୍ବକ କରାଯାଇଥିବା କାର୍ଯ୍ୟାନୁଷ୍ଠାନ
(Action Taken in Good Faith) 69
ଧାରା-୭୪ ବିଧିଗତ ପ୍ରକ୍ରିୟାରୁ ପ୍ରତିରୋଧ
(Immunity from Legal Process) 70

ଧାରା-୭୫ ନିୟମାବଳୀ ପ୍ରଣୟନ ନିମନ୍ତେ କେନ୍ଦ୍ର ସରକାରଙ୍କ କ୍ଷମତା
(Power of Central Government to Make Rules) 70
ଧାରା-୭୬ ବିନିୟମନ ପ୍ରଣୟନ କରିବା ନିମନ୍ତେ କ୍ଷମତା
(Power to Make Regulations) 71
ଧାରା-୭୭ ନିୟମାବଳୀ ଏବଂ ବିନିୟମନଗୁଡ଼ିକୁ ପାର୍ଲିଆମେ□ରେ ଉପସ୍ଥାପନ କରାଯିବ
(Rules and Regulations to be Laid Before Parliament) 72
ଧାରା-୭୮ ନିୟମାବଳୀ ପ୍ରଣୟନ କରିବାପାଇଁ ରାଜ୍ୟ ସରକାରଙ୍କ କ୍ଷମତା
(Power of State Government to Make Rules) 72
ଧାରା-୭୯ ଅସୁବିଧା ଅପସାରଣ ପାଇଁ କ୍ଷମତା
(Power to Remove Difficulties) 73

## ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ନିୟମାବଳୀ, ୨୦୧୦

ନିୟମ-୧ ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ
(Short Title and Commencement) 74
ନିୟମ-୨ ପରିଭାଷା
(Definition) 75
ନିୟମ-୩ ରାଜ୍ୟ ପ୍ରାଧିକରଣର ଗଠନ
(Composition of State Authority) 76
ନିୟମ-୪ ରାଜ୍ୟ ପ୍ରାଧିକରଣ ସଦସ୍ୟମାନଙ୍କର କାର୍ଯ୍ୟକାଳ
(Terms of Office of Members of the State Authority) 76
ନିୟମ-୫ ରାଜ୍ୟ ପ୍ରାଧିକରଣର ସଦସ୍ୟମାନଙ୍କର ଭ□
(Allowances of Members of the State Authority) 77
ନିୟମ-୬ ରାଜ୍ୟ ପ୍ରାଧିକରଣଦ୍ୱାରା ଗଠିତ ପରାମର୍ଶଦାତା କମିଟିର ସଦସ୍ୟମାନଙ୍କୁ ପ୍ରଦେୟ ଭ□
(Allowances to be Paid to the Members of the Advisory Committee Constituted by the State Authority) 77
ନିୟମ-୭ ପ୍ରାଧିକରଣର ସଚିବାଳୟ
(Secretariat of the Authority) 78

| | | |
|---|---|---|
| ନିୟମ-୮ | ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ସଭାପତିଙ୍କ କ୍ଷମତା ଏବଂ କାର୍ଯ୍ୟ<br>(Powers and Functions of the Chairperson of the State Executive Committee) | 78 |
| ନିୟମ-୯ | ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିଦ୍ୱାରା ଅନୁସୃତ ହେବାକୁ ଥିବା କ୍ରିୟାବିଧି<br>(Procedure to be Followed by the State Executive Committees) | 79 |
| ନିୟମ-୧୦ | ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିଦ୍ୱାରା ଗଠିତ ଉପ-କମିଟି ସହିତ ବିଶେଷଜ୍ଞ ରୂପେ ସଂଶ୍ଳିଷ୍ଟ ଜଣେ ବ୍ୟକ୍ତିଙ୍କ ପ୍ରଦେୟ ଭ□<br>(Allowances to be Paid to a Person Associated as an Expert with a Sub-committee Constituted by the State Executive Committee ) | 80 |
| ନିୟମ-୧୧ | ଜିଲ୍ଲା ପ୍ରାଧିକରଣର ଗଠନ<br>(Composition of District Authority) | 80 |
| ନିୟମ-୧୨ | ଜିଲ୍ଲା ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ଷମତା ଏବଂ କାର୍ଯ୍ୟ<br>(Powers and Functions of the Chief Executive Officer of the District Authority) | 80 |
| ନିୟମ-୧୩ | ଜିଲ୍ଲା ପ୍ରାଧିକରଣଦ୍ୱାରା ଗଠିତ ଏକ ଉପ-କମିଟି ସହିତ ଜଣେ ବିଶେଷଜ୍ଞ ଭାବରେ ସଂଶ୍ଳିଷ୍ଟ ଜଣେ ବ୍ୟକ୍ତିଙ୍କୁ ପ୍ରଦେୟ ଭ□<br>(Allowances to be Paid to a Person Associated as an Expert with a Sub-committee Constituted by the District Authority) | 82 |


## ସରକାରୀ ବିଜ୍ଞପ୍ତି


| କ୍ର.ନଂ. | | ପୃଷ୍ଠାଙ୍କ |
|---|---|---|
| ୧. | IVF (OSDMA) 24/10 - 46167/R&DM/12-11-2010<br>ଅନୁଗୁଳ ଜିଲ୍ଲା ପାଇଁ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ | |
| ୨. | IVF (OSDM) 24/10 (P.T.) - 48474/R&DM/26-11-2010<br>ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଗଠନ | |

୩. IVF (OSDMA) 24/10 - 50291/R&DM/6-12-2010
କାର୍ଯ୍ୟନିର୍ବାହୀ କମିଟି ଗଠନ

୪. IVF (OSDMA) 24/10 - 51763/R&DM/16-12-2010
ଅନ୍ୟାଦେଶ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ କାର୍ଯ୍ୟାଳୟ

୫. 1613/R&DM (SR) / 31-8-2013
ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ, ଓଡ଼ିଶାର ଗଠନ

## ବାରମ୍ବାର ପଚରାଯାଉଥିବା ପ୍ରଶ୍ନ ଓ ତା'ର ଉତ୍ତର

•

# ଜାତୀୟ ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫

**ଭାରତ ସରକାରଙ୍କ ରାଜପତ୍ର**

**ଭାଗ – II**

**ପ୍ରଭାଗ – II**

ନଂ. ୬୪ତା.୨୬.୧୨.୨୦୦୫ରିଖ

**ବିଧି ଏବଂ ନ୍ୟାୟ ମନ୍ତ୍ରଣାଳୟ**

**(ବିଧାନ ବିଭାଗ)**

**ନୂଆଦିଲ୍ଲୀ, ୨୦୦୫ ମସିହା ଡିସେମ୍ବର ମାସ ୨୬ ତାରିଖ**

ପାର୍ଲିଆମେଣ୍ଟର ନିମ୍ନୋକ୍ତ ଅଧିନିୟମ ୨୦୦୫ ମସିହା ଡିସେମ୍ବର ମାସ ୨୩ ତାରିଖ ଦିନ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କଲା ଏବଂ ଏତଦ୍ଦ୍ୱାରା ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହେଲା :–

## ବିପର୍ଯ୍ୟୟ ପରିଚାଳନା ଅଧିନିୟମ, ୨୦୦୫

**ଆଇନ ସଂଖ୍ୟା – ୫୩/୨୦୦୫**

**[୨୩ ଡିସେମ୍ବର, ୨୦୦୫]**

ବିପର୍ଯ୍ୟୟଗୁଡ଼ିକର ଫଳପ୍ରଦ ପରିଚାଳନା ନିମନ୍ତେ ଏବଂ ତତ୍ ସଂକ୍ରାନ୍ତୀୟ ବିଷୟଗୁଡ଼ିକ ନିମନ୍ତେ କିମ୍ବା ଆନୁଷଙ୍ଗିକ ବିଷୟ ନିମନ୍ତେ ଏକ ଅଧିନିୟମ ।

ଭାରତୀୟ ଗଣତନ୍ତ୍ରର ଛପନତମ ବର୍ଷରେ ଏହା ନିମ୍ନୋକ୍ତ ରୂପେ ଅଧିନିୟମିତ ହେଉ ।

## ପ୍ରଥମ ଅଧ୍ୟାୟ

**(Chapter - I)**

# ପ୍ରାରମ୍ଭିକ

**(PRELIMINARY)**

**ଧାରା-୧ : ସଂକ୍ଷିପ୍ତ ନାମ, ପରିବ୍ୟାପ୍ତି ଏବଂ ପ୍ରାରମ୍ଭ**
**(Short Title, Extent and Commencement):**

(୧) ଏହି ଅଧିନିୟମଟି **୨୦୦୫ ମସିହା ବିପର୍ଯ୍ୟୟ ପରିଚାଳନା ଅଧିନିୟମ** ରୂପେ ଅଭିହିତ ହେବ ।

(୨) ଏହା ସମଗ୍ର ଭାରତବର୍ଷରେ ପରିବ୍ୟାପ୍ତ ହେବ ।

(୩) ଏହା ଏପରି ତାରିଖରୁ କାର୍ଯ୍ୟକାରୀ ହେବ ଯେପରି କେନ୍ଦ୍ର ସରକାର, ସରକାରୀ ରାଜପତ୍ରରେ ଧାର୍ଯ୍ୟ କରିବେ ଏବଂ ଏହି ଅଧିନିୟମର ବିଭିନ୍ନ ବ୍ୟବସ୍ଥାବଳୀ ଏବଂ ବିଭିନ୍ନ ରାଜ୍ୟଗୁଡ଼ିକ ନିମନ୍ତେ ଭିନ୍ନ ଭିନ୍ନ ତାରିଖ ଧାର୍ଯ୍ୟ କରାଯାଇପାରିବ ଏବଂ କୌଣସି ରାଜ୍ୟ ସମ୍ବନ୍ଧରେ ଏହି ଅଧିନିୟମର କୌଣସି ବ୍ୟବସ୍ଥାର ପ୍ରାରମ୍ଭ ସଂକ୍ରାନ୍ତୀୟ କୌଣସି ପ୍ରସଙ୍ଗ ସେହି ରାଜ୍ୟରେ ସେହି ବ୍ୟବସ୍ଥାର ପ୍ରାରମ୍ଭ ସଂକ୍ରାନ୍ତୀୟ ବ୍ୟବସ୍ଥା ରୂପେ ଅର୍ଥାନ୍ୱିତ ହେବ ।

**ଧାରା-୨ : ପରିଭାଷା (Definitions) :**

ଏହି ଅଧିନିୟମ, ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନ ଥିଲେ–

**(କ) ପ୍ରଭାବିତ ଅ□ଳ (Effected Area) :** ଆଇନର ଅର୍ଥ ହେଉଛି ଏକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଦେଶର ଏକ ଅ□ଳ କିମ୍ବା କୌଣସି ଅଂଶ ।

**(ଖ) କ୍ଷମତା ନିର୍ମାଣ (Capacity Building) :** ନିମ୍ନୋକ୍ତ ବିଷୟକୁ ଅନ୍ତର୍ଭୁକ୍ତ କରେ :–

(i) ବିଦ୍ୟମାନ ଉତ୍ସ ସବୁର ଚିହ୍ନଟ ଏବଂ ଅର୍ଜିତ କିମ୍ବା ସୃଷ୍ଟ ଉତ୍ସସମୂହ ।

(ii) ଉପଖଣ୍ଡ(୧) ଅନୁସାରେ ଚିହ୍ନିତ ଉତ୍ସଗୁଡ଼ିକୁ ଅର୍ଜନ କରିବା କିମ୍ବା ସୃଷ୍ଟି କରିବା ।

(iii) ବିପର୍ଯ୍ୟୟଗୁଡ଼ିକର ଫଳପ୍ରଦ ପରିଚାଳନା ନିମନ୍ତେ ସଂଗଠନ ଏବଂ କର୍ମଚାରୀବର୍ଗଙ୍କ ତାଲିମ ଏବଂ ଏପରି ତାଲିମର ସମନ୍ୱୟ ।

(ଗ) **କେନ୍ଦ୍ର ସରକାର (Central Government)**ର ଅର୍ଥ ହେଉଛି ବିପର୍ଯ୍ୟୟ ପରିଚାଳନା ଉପରେ ପ୍ରଶାସନିକ ନିୟନ୍ତ୍ରଣ ଥିବା ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗ ।

(ଘ) **ବିପର୍ଯ୍ୟୟ (Disaster)**ର ଅର୍ଥ ହେଉଛି ପ୍ରାକୃତିକ କିମ୍ବା ମାନବକୃତ କାରଣରୁ କିମ୍ବା ଦୁର୍ଘଟଣା କିମ୍ବା ଅବହେଳା ଦ୍ୱାରା କୌଣସି ଅଞ୍ଚଳରେ ସଂଘଟିତ କୌଣସି ମହାବିପତ୍ତି, ଅପଘଟଣ, ଦୁର୍ବିପାକ କିମ୍ବା ଗୁରୁତର ଘଟଣା ଯାହାର ପରିଣାମ ସ୍ୱରୂପ ପ୍ରଭୂତ ଜୀବନ ହାନୀ କିମ୍ବା ମାନବିକ ଦୁର୍ଦ୍ଦଶା କିମ୍ବା କ୍ଷତି ଘଟିଥାଏ ଏବଂ ସମ୍ପତ୍ତି ପ୍ରତି କ୍ଷତି ଘଟିଥାଏ ଏବଂ ବାତାବରଣର କ୍ଷତି ହୋଇଥାଏ ଏବଂ ଏହା ଏପରି ଧରଣର କିମ୍ବା ବିସ୍ତାରରେ ହୋଇଥାଏ ଯେ ପ୍ରଭାବିତ ଅଞ୍ଚଳର ଜନ ସମ୍ପ୍ରଦାୟମାନଙ୍କର ସହନଶୀଳତାର ବାହାରକୁ ତାହା ଚାଲିଯାଇଥାଏ ।

(ଙ) **ବିପର୍ଯ୍ୟୟ ପରିଚାଳନା (Disaster Management)**ର ଅର୍ଥ ହେଉଛି ନିମ୍ନୋକ୍ତ ବିଷୟ ନିମନ୍ତେ ଆବଶ୍ୟକ କିମ୍ବା ସମୟୋଚିତ ଏକ ନିରବଚ୍ଛିନ୍ନ ଏବଂ ଏକୀଭୂତ ସଙ୍ଗଠନକାରୀ, ସମନ୍ୱୟକାରୀ ଯୋଜନାର ପ୍ରକ୍ରିୟା ଏବଂ କାର୍ଯ୍ୟାନ୍ୱୟନ ପଦକ୍ଷେପ :–

(i) କୌଣସି ବିପର୍ଯ୍ୟୟର ବିପଦ କିମ୍ବା ଭୟର ନିବାରଣ;

(ii) କୌଣସି ବିପର୍ଯ୍ୟୟର କୌଣସି ଶଙ୍କା କିମ୍ବା ଏହାର ଭୟାବହତା କିମ୍ବା ପରିଣତିର ପ୍ରଶମନ କିମ୍ବା ହ୍ରାସକରଣ;

(iii) କ୍ଷମତା ନିର୍ମାଣ;

(iv) କୌଣସି ବିପର୍ଯ୍ୟୟର ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତି;

(v) ଭୟଭୀତକାରୀ କୌଣସି ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ତୁରନ୍ତ ମୁକାବିଲା;

(vi) କୌଣସି ବିପର୍ଯ୍ୟୟର ଭୟାବହତା କିମ୍ବା ପରିବ୍ୟାପ୍ତିର ଆକଳନ;

(vii) ଅପସାରଣ, ଉଦ୍ଧାର ଏବଂ ସାହାଯ୍ୟ;

(viii) ପୁନର୍ବାସନ ଏବଂ ପୁନର୍ନିର୍ମାଣ;

(ଚ) **"ଜିଲ୍ଲା ପ୍ରାଧିକାରୀ" (District Authority)**ର ଅର୍ଥ ହେଉଛି ୨୫ ଧାରାର ଉପଧାରା(୧) ଅନୁସାରେ ଗଠିତ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକାରୀ;

(ଛ) **"ଜିଲ୍ଲା ଯୋଜନା" (District Plan) :** ୩୧ ଧାରା ଅନୁସାରେ ଜିଲ୍ଲା ପାଇଁ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଯୋଜନା;

(ଜ) **"ସ୍ଥାନୀୟ କର୍ତ୍ତୃପକ୍ଷ" (Local Authority) :** ବିନିର୍ଦ୍ଦିଷ୍ଟ ସ୍ଥାନୀୟ ଅ□ଳ ମଧ୍ୟରେ ଅତ୍ୟାବଶ୍ୟକ ସେବା ଯୋଗାଣ ନିମନ୍ତେ କିମ୍ବା ପୌର ସେବା ପରିଚାଳନା ଏବଂ ନିୟନ୍ତ୍ରଣ ନିମନ୍ତେ ତତ୍କାଳୀନ ଆଇନ ଦ୍ୱାରା ଭାରପ୍ରାପ୍ତ ପ□ାୟତିରାଜ ଅନୁଷ୍ଠାନ, ପୌରସଂସ୍ଥା, ଜିଲ୍ଲା ବୋର୍ଡ଼, କ୍ୟା□ନ୍‌ମେ□ ବୋର୍ଡ଼, ସହରା□ଳ ଯୋଜନା ପ୍ରାଧିକାରୀ କିମ୍ବା ଜିଲ୍ଲା ପରିଷଦ କିମ୍ବା ଯେକୌଣସି ନାମରେ କଥିତ ଅନ୍ୟ କୌଣସି ସଂସ୍ଥା କିମ୍ବା କ□ୃପକ୍ଷଙ୍କୁ ଅନ୍ତର୍ଭୁକ୍ତ କରେ ।

(ଝ) **"ପ୍ରଶମନ" (Mitigation)**ର ଅର୍ଥ ହେଉଛି କୌଣସି ଏକ ବିପର୍ଯ୍ୟୟ କିମ୍ବା ବିପର୍ଯ୍ୟୟର ଭୟାବହ ସ୍ଥିତିର ଶଙ୍କା, ସଂଘାତ କିମ୍ବା ପ୍ରଭାବକୁ ହ୍ରାସ କରିବା ନିମନ୍ତେ ଉଦ୍ଦିଷ୍ଟ ପଦକ୍ଷେପ ।

(ଞ) **"ଜାତୀୟ ପ୍ରାଧିକାରୀ" (National Authority)**ର ଅର୍ଥ ହେଉଛି ୩ ଧାରାର ଉପଧାରା(୧) ଅନୁସାରେ ଗଠିତ ଜାତୀୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀ;

(ଟ) **"ଜାତୀୟ କାର୍ଯ୍ୟନିର୍ବାହୀ କମିଟି" (National Executive Committee)**ର ଅର୍ଥ ହେଉଛି ୮ ଧାରାର ଉପଧାରା(୧) ଅନୁସାରେ ଗଠିତ ଜାତୀୟ ପ୍ରାଧିକାରୀଙ୍କ କାର୍ଯ୍ୟନିର୍ବାହୀ କମିଟି ।

(ଠ) **"ଜାତୀୟ ଯୋଜନା" (National Plan)**ର ଅର୍ଥ ହେଉଛି ୧୧ ଧାରା ଅନୁସାରେ ପ୍ରସ୍ତୁତ ସମଗ୍ର ଦେଶ ନିମନ୍ତେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଯୋଜନା ।

(ଡ) **"ପ୍ରସ୍ତୁତି" (Preparedness)**ର ଅର୍ଥ ହେଉଛି ଏକ ବିପର୍ଯ୍ୟୟର ଭୟାବହ ସ୍ଥିତି କିମ୍ବା ଏକ ବିପର୍ଯ୍ୟୟ କିମ୍ବା ତାହାର ପ୍ରଭାବକୁ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତିର ଅବସ୍ଥା ।

(ଢ) **"ଧାର୍ଯ୍ୟ" (Prescribed)**ର ଅର୍ଥ ହେଉଛି ଏହି ଅଧିନିୟମ ଅନୁସାରେ ପ୍ରଣୀତ ନିୟମାବଳୀ ଦ୍ୱାରା ଧାର୍ଯ୍ୟ ।

(ଣ) **ପୁନର୍ନିର୍ମାଣ (Reconstruction)**ର ଅର୍ଥ ହେଉଛି ଏକ ବିପର୍ଯ୍ୟୟ ପରେ କୌଣସି ସମ୍ପ□ିର ପୁନର୍ନିର୍ମାଣ କିମ୍ବା ପୁନରୁଦ୍ଧାର ।

(ତ) **"ସମ୍ବଳ" (Resources)** ଜନଶକ୍ତି, ସେବା, ସାମଗ୍ରୀ ଏବଂ ବ୍ୟବସ୍ଥାବଳୀକୁ ଅନ୍ତର୍ଭୁକ୍ତ କରେ ।

(ଥ) **"ରାଜ୍ୟ ପ୍ରାଧିକାରୀ" (State Authority)**ର ଅର୍ଥ ହେଉଛି ୧୪ ଧାରାର ଉପଧାରା(୧) ଅନୁସାରେ ପ୍ରତିଷ୍ଠିତ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକାରୀ ଏବଂ ଏହା ଉକ୍ତ ଧାରା ଅନୁସାରେ ପ୍ରତିଷ୍ଠିତ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରେ ।

(ଦ) **"ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି" (State Executive Committee)**ର ଅର୍ଥ ହେଉଛି ୨୦ ଧାରାର ଉପଧାରା(୧) ଅନୁସାରେ ଗଠିତ କୌଣସି ରାଜ୍ୟ ପ୍ରାଧିକାରୀଙ୍କର କାର୍ଯ୍ୟନିର୍ବାହୀ କମିଟି ।

(ଧ) **"ରାଜ୍ୟ ସରକାର" (State Government)**ର ଅର୍ଥ ହେଉଛି ବିପର୍ଯ୍ୟୟ ପରିଚାଳନା ଉପରେ ପ୍ରଶାସନିକ ନିୟନ୍ତ୍ରଣ ଥିବା ରାଜ୍ୟ ସରକାରଙ୍କ ବିଭାଗ ଏବଂ ସମ୍ବିଧାନର ୨୩୯ ଅନୁଚ୍ଛେଦ ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସକଙ୍କୁ ଅନ୍ତର୍ଭୁକ୍ତ କରେ ।

(ନ) **"ରାଜ୍ୟ ଯୋଜନା" (State Plan)**ର ଅର୍ଥ ହେଉଛି ୨୩ ଧାରା ଅନୁସାରେ ସମଗ୍ର ରାଜ୍ୟ ନିମନ୍ତେ ବିପର୍ଯ୍ୟୟ ପରିଚାଳନା ପାଇଁ ପ୍ରସ୍ତୁତ ଯୋଜନା ।

(୨) ଏହି ନିୟମାବଳୀରେ ବ୍ୟବହୃତ, ମାତ୍ର ପରିଭାଷିତ ହୋଇନଥିବା ଶବ୍ଦାବଳୀ ଏବଂ ପଦ-ସଂହତିର ଅର୍ଥ, ଏହି ଆଇନ ଦ୍ୱାରା ସେଗୁଡ଼ିକ ପ୍ରତି ଅର୍ପିତ ଅର୍ଥ ବହନ କରିବ ।

•

## ଦ୍ୱିତୀୟ ଅଧ୍ୟାୟ

## (Chapter - II)

# ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ

## (NATIONAL DISASTER MANAGEMENT AUTHORITY)

**ଧାରା-୩ : ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ପ୍ରତିଷ୍ଠା (Establishment of National Disaster Management Authority) :**

(୧) କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ସରକାରୀ ରାଜପତ୍ରରେ ବିଜ୍ଞପ୍ତି ଦ୍ୱାରା ଯେଉଁ ତାରିଖ ଧାର୍ଯ୍ୟ କରିବେ ସେହି ତାରିଖରୁ ଏହି ଅଧିନିୟମର ପରିପୂର୍ତ୍ତି ଉଦ୍ଦେଶ୍ୟରେ ଏକ ପ୍ରାଧିକରଣର ସ୍ଥାପନା କରାଯିବ ଯାହାକୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ବୋଲି କୁହାଯିବ ।

(୨) ଜାତୀୟ ପ୍ରାଧିକରଣ ଜଣେ ସଭାପତି ଏବଂ ଅନଧିକ ଏପରି ନଅଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ ଯେପରି କେନ୍ଦ୍ର ସରକାର ଧାର୍ଯ୍ୟ କରିବେ ଏବଂ ନିୟମାବଳୀରେ ଅନ୍ୟଥା ବ୍ୟବସ୍ଥା ନ ଥିଲେ ଜାତୀୟ ପ୍ରାଧିକରଣ ନିମ୍ନୋକ୍ତ ସଦସ୍ୟଙ୍କୁ ନେଇ ଗଠିତ ହେବ :–

(କ) ଭାରତର ପ୍ରଧାନମନ୍ତ୍ରୀ ଜାତୀୟ ପ୍ରାଧିକରଣର ପଦପ୍ରଯୁକ୍ତ ସଭାପତି ହୋଇ ରହିବେ ।

(ଖ) ଅନଧିକ ନଅଜଣ ଅନ୍ୟ ସଦସ୍ୟ ଜାତୀୟ ପ୍ରାଧିକରଣର ସଭାପତିଙ୍କ ଦ୍ୱାରା ମନୋନୀତ ହେବେ ।

(୩) ଜାତୀୟ ପ୍ରାଧିକରଣର ସଭାପତି ଉପଧାରା(୨)ର ଖଣ୍ଡ(ଖ) ଅନୁସାରେ ମନୋନୀତ ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ ଜାତୀୟ ପ୍ରାଧିକରଣର ଉପସଭାପତି ଭାବେ ନାମିତ କରିବେ ।

(୪) ଜାତୀୟ ପ୍ରାଧିକରଣର ସଦସ୍ୟମାନଙ୍କର କାର୍ଯ୍ୟକାଳ ଏବଂ ସେବା ସ□ବଳୀ ଯେପରି ନିର୍ଦ୍ଧାରିତ ହେବ ସେପରି ହେବ ।

**ଧାରା-୪ : ଜାତୀୟ ପ୍ରାଧିକରଣର ବୈଠକ (Meeting of National Authority) :**

(୧) ଜାତୀୟ ପ୍ରାଧିକରଣର ସଭାପତି ଯେପରି ଉଚିତ୍ ମନେ କରିବେ, ସେପରି ସମୟ ଏବଂ ସ୍ଥାନରେ ଯେପରି ଏବଂ ଯେତେବେଳେ ଦରକାର ପଡ଼ିବ ସେତେବେଳେ ଜାତୀୟ ପ୍ରାଧିକରଣର ବୈଠକ ବସିବ ।

(୨) ଜାତୀୟ ପ୍ରାଧିକରଣର ସଭାପତି ଜାତୀୟ ପ୍ରାଧିକରଣର ବୈଠକଗୁଡ଼ିକରେ ସଭାପତିତ୍ୱ କରିବେ ।

(୩) ଯଦି କୌଣସି କାରଣବଶତଃ ଜାତୀୟ ପ୍ରାଧିକରଣର ସଭାପତି ଜାତୀୟ ପ୍ରାଧିକରଣର କୌଣସି ବୈଠକରେ ଯୋଗ ଦେବା ପାଇଁ ଅକ୍ଷମ ହୁଅନ୍ତି ତେବେ ବୈଠକରେ ଜାତୀୟ ପ୍ରାଧିକରଣର ଉପସଭାପତି ସଭାପତିତ୍ୱ କରିବେ ।

**ଧାରା-୫ : ଜାତୀୟ ପ୍ରାଧିକରଣର ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କର ନିଯୁକ୍ତି (Appointment of Officers and Other Employees of the National Authority) :**

ଜାତୀୟ ପ୍ରାଧିକରଣର କାର୍ଯ୍ୟ ସମ୍ପାଦନ ନିମନ୍ତେ ଯେପରି ଆବଶ୍ୟକ ବିବେଚିତ ହେବ କେନ୍ଦ୍ର ସରକାର ସେପରି ଅଧିକାରୀ, ପରାମର୍ଶଦାତା ଏବଂ କର୍ମଚାରୀମାନଙ୍କୁ ଜାତୀୟ ପ୍ରାଧିକରଣକୁ ଯୋଗାଇ ଦେବେ ।

**ଧାରା-୬ : ଜାତୀୟ ପ୍ରାଧିକରଣର କ୍ଷମତା ଏବଂ କାର୍ଯ୍ୟ**

**(Powers and Function of National Authority) :**

(୧) ଏହି ଅଧିନିୟମର ବ୍ୟବସ୍ଥାବଳୀ ସାପେକ୍ଷରେ, ଜାତୀୟ ପ୍ରାଧିକରଣର ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବିପର୍ଯ୍ୟୟକୁ ସମୋଚି□ ଏବଂ ପ୍ରଭାବଶୀଳ ଭାବେ ମୁକାବିଲା କରିବାକୁ ସୁନିଶ୍ଚିତ କରିବା ପାଇଁ ନୀତି ଯୋଜନା ଏବଂ ପଥପ୍ରଦର୍ଶିକା ନିର୍ଦ୍ଧାରଣ କରିବାର ଦାୟିତ୍ୱ ରହିବ ।

(୨) ଉପଧାରା(୧)ରେ ଥିବା ବ୍ୟବସ୍ଥାବଳୀର ବିନା ପ୍ରତିକୁଳାତ୍ମକ ପ୍ରଭାବରେ ଜାତୀୟ ପ୍ରାଧିକରଣ ନିମ୍ନୋକ୍ତ କାର୍ଯ୍ୟ କରିପାରିବେ ।

(କ) ବିପର୍ଯ୍ୟୟ ପରିଚାଳନା ଉପରେ ନୀତି ନିର୍ଦ୍ଧାରଣ କରିବା;

(ଖ) ଜାତୀୟ ଯୋଜନାକୁ ଅନୁମୋଦନ କରିବା;

(ଗ) ଜାତୀୟ ଯୋଜନା ଅନୁସାରେ ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଯୋଜନାଗୁଡ଼ିକୁ ଅନୁମୋଦନ କରିବା;

(ଘ) ରାଜ୍ୟ ଯୋଜନା ପ୍ରସ୍ତୁତିରେ ରାଜ୍ୟ ପ୍ରାଧିକରଣ ଦ୍ୱାରା ଅନୁସୃତ ହେବାକୁ ଥିବା ପଥପ୍ରଦର୍ଶିକାଗୁଡ଼ିକୁ ନିର୍ଦ୍ଧାରଣ କରିବା;

(ଙ) ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକ ଦ୍ୱାରା ବିପର୍ଯ୍ୟୟ ନିବାରଣ ପାଇଁ ଏକୀକରଣ ଉଦ୍ଦେଶ୍ୟରେ ପଦକ୍ଷେପ କିମ୍ବା ସେମାନଙ୍କର ଯୋଜନା ଓ ପ୍ରକଳ୍ପଗୁଡ଼ିକର ବିକାଶରେ ବିପର୍ଯ୍ୟୟର ଫଳପ୍ରଦ ଉପଶମନ ନିମନ୍ତେ ଅନୁସୃତ ହେବାକୁ ଥିବା ପଥପ୍ରଦର୍ଶିକା-ଗୁଡ଼ିକର ନିର୍ଦ୍ଧାରଣ କରିବା;

(ଚ) ବିପର୍ଯ୍ୟୟ ପରିଚାଳନା ନିମନ୍ତେ ନୀତି ଓ ଯୋଜନାର ପ୍ରବ□ି ଏବଂ କାର୍ଯ୍ୟାନ୍ୱୟନକୁ ସମନ୍ୱିତ କରିବା;

(ଛ) ଉପଶମନ ଉଦ୍ଦେଶ୍ୟ ନିମନ୍ତେ ପାଣ୍ଠିର ବ୍ୟବସ୍ଥା ପାଇଁ ସୁପାରିଶ କରିବା;

(ଜ) ଗୁରୁତର ବିପର୍ଯ୍ୟୟରେ ପ୍ରଭାବିତ ଅନ୍ୟ ଦେଶମାନଙ୍କୁ ଏପରି ସହାୟତା ଉପଲବ୍ଧ କରାଇବା ଯେପରି କେନ୍ଦ୍ର ସରକାର ନିର୍ଦ୍ଧାରଣ କରିବେ;

(ଝ) ବିପର୍ଯ୍ୟୟ ନିବାରଣ ନିମନ୍ତେ ଏପରି ପଦକ୍ଷେପମାନ ଗ୍ରହଣ କରିବା କିମ୍ବା ବିପର୍ଯ୍ୟୟର ଭୟାବହ ପରିସ୍ଥିତିକୁ କିମ୍ବା ବିପର୍ଯ୍ୟୟକୁ ମୁକାବିଲା କରିବାପାଇଁ ଏହା ଯେପରି ଆବଶ୍ୟକ ମନେ କରିବ ସେପରି ଉପଶମନ କିମ୍ବା ପ୍ରସ୍ତୁତି ଏବଂ କ୍ଷମତା ନିର୍ମାଣ ଦିଗରେ ପଦକ୍ଷେପ ଗ୍ରହଣ କରିବା;

(ଞ) ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନର କାର୍ଯ୍ୟକାରିତା ନିମନ୍ତେ ବିସ୍ତୃତ ନୀତି ଏବଂ ପଥପ୍ରଦର୍ଶିକା ନିର୍ଦ୍ଧାରଣ କରିବେ;

(୩) ଜାତୀୟ ପ୍ରାଧିକରଣ ସଭାପତି, ଜରୁରୀକାଳୀନ ପରିସ୍ଥିତି କ୍ଷେତ୍ରରେ, ଜାତୀୟ ପ୍ରାଧିକରଣର ସବୁ କିମ୍ବା ଯେକୌଣସି କ୍ଷମତା ପ୍ରୟୋଗ କରିପାରିବେ ମାତ୍ର ଜାତୀୟ ପ୍ରାଧିକରଣର ପୂର୍ବରୁ ସଂଶୋଧିତ ବ୍ୟବସ୍ଥା ସାପେକ୍ଷରେ ଏପରି କ୍ଷମତା ପ୍ରୟୋଗ କରାଯାଇପାରିବ ।

**ଧାରା-୭ : ଜାତୀୟ ପ୍ରାଧିକରଣ ଦ୍ୱାରା ପରାମର୍ଶଦାତା କମିଟିର ଗଠନ (Constitution of Advisory Committee by National Authority) :**

(୧) ଜାତୀୟ ପ୍ରାଧିକରଣ, ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶେଷଜ୍ଞମାନଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରିପାରିବେ ଯେଉଁମାନଙ୍କର ଜାତୀୟ ରାଜ୍ୟ ଜିଲ୍ଲାସ୍ତରରେ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ଉପରେ ସୁପାରିଶ୍ କରିବା ନିମନ୍ତେ ବ୍ୟାବହାରିକ ଅଭିଜ୍ଞତା ଥିବ ।

(୨) ପରାମର୍ଶଦାତା କମିଟିର ସଦସ୍ୟମାନଙ୍କୁ ଏପରି ଭ□ ପ୍ରଦାନ କରାଯିବ ଯାହା କେନ୍ଦ୍ର ସରକାର ଜାତୀୟ ପ୍ରାଧିକରଣଙ୍କ ପରାମର୍ଶ କ୍ରମେ ଧାର୍ଯ୍ୟ କରିବେ ।

**ଧାରା-୮ : ଜାତୀୟ କାର୍ଯ୍ୟନିର୍ବାହୀ କମିଟିର ଗଠନ**

**(Constitution of National Executive Committee) :**

(୧) କେନ୍ଦ୍ର ସରକାର ତିନି ଧାରାର ଉପଧାରା(୧) ଅନୁସାରେ ବିଜ୍ଞପ୍ତି ଜାରିର ଠିକ୍ ପରେ ପରେ ଏହି ଆଇନ୍ ଅନୁସାରେ ଏହାର କାର୍ଯ୍ୟ ସମ୍ପାଦନରେ ଜାତୀୟ ପ୍ରାଧିକରଣକୁ ସାହାଯ୍ୟ କରିବା ନିମନ୍ତେ, ଏକ ଜାତୀୟ କାର୍ଯ୍ୟନିର୍ବାହୀ କମିଟି ଗଠନ କରିବେ ।

(୨) ଜାତୀୟ କାର୍ଯ୍ୟନିର୍ବାହୀ କମିଟି ନିମ୍ନୋକ୍ତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ । ଯଥା–

(କ) ବିପର୍ଯ୍ୟୟ ପରିଚାଳନାର ପ୍ରଶାସନିକ ନିୟନ୍ତ୍ରଣକୁ ନିଜ ଅଧିନରେ ରଖିଥିବା କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗ ଦାୟିତ୍ୱରେ ଥିବା ଭାରତ ସରକାରଙ୍କ ଶାସନ ସଚିବ ଯିଏକି ପଦ-ପ୍ରଯୁକ୍ତ ସଭାପତି ଭାବେ କାର୍ଯ୍ୟ କରିବେ ।

(ଖ) କୃଷି, ପରମାଣୁ ଶକ୍ତି, ପ୍ରତିରକ୍ଷା, ପାନୀୟ ଜଳଯୋଗାଣ, ବାତାବରଣ ଏବଂ ଜଙ୍ଗଲ, ଅର୍ଥ (ବ୍ୟୟ), ସ୍ୱାସ୍ଥ୍ୟ, ଶକ୍ତି, ଗ୍ରାମବିକାଶ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ମହାକାଶ, ଦୂର ସ□ର, କୌର ବିକାଶ, ଜଳ ସମ୍ପଦର ପ୍ରଶାସନିକ ନିୟନ୍ତ୍ରଣରେ ଥିବା ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକରେ ଅବସ୍ଥାପିତ ଭାରତ ସରକାରଙ୍କ ଶାସନ ସଚିବମାନେ ଏବଂ ସମନ୍ୱିତ ସୁରକ୍ଷା କର୍ମଚାରୀବୃନ୍ଦଙ୍କ ପ୍ରମୁଖ ପଦ-ପ୍ରଯୁକ୍ତ ସଦସ୍ୟ ହୋଇ ରହିବେ ।

(୩) ଜାତୀୟ କାର୍ଯ୍ୟନିର୍ବାହୀ କମିଟିର ସଭାପତି, ଏପରି କମିଟିର କୌଣସି ବୈଠକରେ ଅଂଶଗ୍ରହଣ କରିବା ନିମନ୍ତେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କର ଅନ୍ୟ କୌଣସି ଅଧିକାରୀକୁ ଆମନ୍ତ୍ରଣ କରିପାରିବେ ଏବଂ ସେ ଏପରି କ୍ଷମତା ପ୍ରୟୋଗ ଏବଂ କାର୍ଯ୍ୟ ସମ୍ପାଦନ କରିପାରିବେ ଯେପରି ଜାତୀୟ ପ୍ରାଧିକରଣଙ୍କ ପରାମର୍ଶରେ କେନ୍ଦ୍ର ସରକାର ସ୍ଥିର କରିବେ ।

**ଧାରା-୯ : ଉପ-କମିଟିର ଗଠନ (Constitution of Sub-committee) :**

(୧) ଜାତୀୟ କାର୍ଯ୍ୟନିର୍ବାହୀ କମିଟି ନିଜ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ଯେପରି ଓ ଯେତେବେଳେ ଆବଶ୍ୟକ ବିବେଚନା କରିବେ ସେପରି ଭାବେ ଏକ ବା ଏକାଧିକ ଉପ-କମିଟି ଗଠନ କରିପାରିବେ ।

(୨) ଜାତୀୟ କାର୍ଯ୍ୟନିର୍ବାହୀ କମିଟି ନିଜ ସଦସ୍ୟମାନଙ୍କ ମଧ୍ୟରୁ ଜଣକୁ ଉପଧାରା(୧)ରେ ସୂଚିତ ଉପ-କମିଟିର ସଭାପତି ଭାବେ ନିଯୁକ୍ତ କରିବେ ।

(୩) କୌଣସି ଉପ-କମିଟି ସହିତ ଜଣେ ବିଶେଷଜ୍ଞ ରୂପେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଏପରି ଭ□ ପ୍ରଦାନ କରାଯିବ ଯେପରି କେନ୍ଦ୍ର ସରକାର ଧାର୍ଯ୍ୟ କରିବେ ।

**ଧାରା-୧୦: ଜାତୀୟ କାର୍ଯ୍ୟନିର୍ବାହୀ କମିଟିର କ୍ଷମତା ଓ କାର୍ଯ୍ୟ**

**(Powers and Functions of National Executive Committee) :**

(୧) ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ଜାତୀୟ ପ୍ରାଧିକରଣକୁ ସାହାଯ୍ୟ କରିବ ଏବଂ ଜାତୀୟ ପ୍ରାଧିକରଣର ନୀତି ଓ ଯୋଜନାର ପରିଚାଳନା ନିମନ୍ତେ ଦାୟିତ୍ୱ ବହନ କରିବ ଏବଂ ଦେଶରେ ବିପର୍ଯ୍ୟୟ ପରିଚାଳନାର ଉଦ୍ଦେଶ୍ୟ ସାଧନ ନିମନ୍ତେ କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ଅନୁପାଳନକୁ ସୁନିଶ୍ଚିତ କରିବ ।

(୨) ଉପଧାରା(୧)ରେ ନିହିତ ବ୍ୟବସ୍ଥାବଳୀର ବିନା ପ୍ରତିକୂଳାତ୍ମକ ପ୍ରଭାବରେ ଜାତୀୟ କାର୍ଯ୍ୟନିର୍ବାହୀ କମିଟି ନିମ୍ନୋକ୍ତ କାର୍ଯ୍ୟ ସମ୍ପାଦନ କରିବ :-

(କ) ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏହା ଏକ ସମନ୍ୱୟ ରକ୍ଷାକାରୀ ଏବଂ ପର୍ଯ୍ୟାଲୋଚକ ସଂସ୍ଥା ରୂପେ କାର୍ଯ୍ୟ କରିବ;

(ଖ) ଜାତୀୟ ଯୋଜନା ପ୍ରସ୍ତୁତ କରିବ, ଯାହାକି ଜାତୀୟ ପ୍ରାଧିକରଣ ଦ୍ୱାରା ଅନୁମୋଦିତ ହେବ;

(ଗ) ଜାତୀୟ ନୀତିର ପରିଚାଳନାକୁ ସମନ୍ୱିତ କରିବ ଏବଂ ପର୍ଯ୍ୟାଲୋଚନା କରିବ;

(ଘ) ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ କିମ୍ବା ବିଭାଗ ଏବଂ ରାଜ୍ୟ ପ୍ରାଧିକରଣ ଦ୍ୱାରା ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ନିମନ୍ତେ ପଥ-ପ୍ରଦର୍ଶିକା ନିର୍ଦ୍ଧାରଣ କରିବ;

(ଙ) ଜାତୀୟ ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ପଥ-ପ୍ରଦର୍ଶିକା ଅନୁସାରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଯୋଜନା ପ୍ରସ୍ତୁତି ପାଇଁ ରାଜ୍ୟ ସରକାରଙ୍କୁ ଏବଂ ରାଜ୍ୟ ପ୍ରାଧିକରଣଗୁଡ଼ିକୁ ଆବଶ୍ୟକ ବ୍ୟାବହାରିକ ସହାୟତା ଯୋଗାଇ ଦେବ;

(ଚ) ଜାତୀୟ ଯୋଜନା ଏବଂ ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକ ଦ୍ୱାରା ପ୍ରସ୍ତୁତ ଯୋଜନାର କାର୍ଯ୍ୟାନ୍ୱୟନକୁ ପର୍ଯ୍ୟାଲୋଚନା କରିବ;

(ଛ) ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକ ଦ୍ୱାରା ସେମାନଙ୍କର ଉନ୍ନୟନମୂଳକ ଯୋଜନା ଏବଂ ପରିକଳ୍ପନା ଦ୍ୱାରା ବିପର୍ଯ୍ୟୟ ନିବାରଣ ଏବଂ ଉପଶମନ

ନିମନ୍ତେ ଜାତୀୟ ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ପଥ-ପ୍ରଦର୍ଶିକା ଅନୁସାରେ ସମନ୍ୱିତ ପଦକ୍ଷେପର କାର୍ଯ୍ୟାନ୍ୱୟନକୁ ପର୍ଯ୍ୟାଲୋଚନା କରିବ;

(ଜ) ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ କିମ୍ବା ବିଭାଗ ଏବଂ ଅଭିକରଣଗୁଡ଼ିକ ଦ୍ୱାରା ଗୃହୀତ ଉପଶମନ ଓ ପ୍ରସ୍ତୁତି ପଦକ୍ଷେପ ସମ୍ବନ୍ଧରେ ପର୍ଯ୍ୟାଲୋଚନା, ସମନ୍ୱୟ ଏବଂ ନିର୍ଦ୍ଦେଶ ପ୍ରଦାନ କରିବ;

(ଝ) ଯେକୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ମୁକାବିଲା ଉଦ୍ଦେଶ୍ୟରେ ସବୁ ସରକାରୀ ସ୍ତରୀୟ ପ୍ରସ୍ତୁତିର ମୂଲ୍ୟାୟନ କରିବ ଏବଂ ଆବଶ୍ୟକସ୍ଥଳେ ଏପରି ପ୍ରସ୍ତୁତିର ବୃଦ୍ଧି ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିବ;

(ଞ) ବିଭିନ୍ନ ସ୍ତରର ଅଧିକାରୀ, କର୍ମଚାରୀବର୍ଗ ଏବଂ ସ୍ୱେଚ୍ଛାସେବୀ, ଉଦ୍ଧାରକର୍ମୀଙ୍କ ନିମନ୍ତେ ବିପର୍ଯ୍ୟୟ ପରିଚାଳନା ପାଇଁ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମର ଯୋଜନା ଏବଂ ସମନ୍ୱୟ କରିବା;

(ଟ) ଯେକୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟ ଘଟଣାକ୍ରମରେ ମୁକାବିଲାକୁ ସମନ୍ୱୟ କରିବ;

(ଠ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ମୁକାବିଲାରେ ସେମାନଙ୍କଦ୍ୱାରା ଗ୍ରହଣ କରାଯିବାକୁ ଉଦ୍ଦିଷ୍ଟ ପଦକ୍ଷେପ ସମ୍ବନ୍ଧରେ ଭାରତ ସରକାରଙ୍କ ସଂପୃକ୍ତ ମନ୍ତ୍ରଣାଳୟ କିମ୍ବା ବିଭାଗ, ରାଜ୍ୟ ସରକାର ଏବଂ ରାଜ୍ୟ ପ୍ରାଧିକରଣ ନିମନ୍ତେ ପଥ-ପ୍ରଦର୍ଶିକା ନିର୍ଦ୍ଧାରଣ କରିବ ଏବଂ ନିର୍ଦ୍ଦେଶ ପ୍ରଦାନ କରିବ;

(ଡ) ଜରୁରୀ କାଳୀନ ମୁକାବିଲା, ଉଦ୍ଧାର ଏବଂ ସାହାଯ୍ୟ ଉଦ୍ଦେଶ୍ୟରେ ସେମାନଙ୍କ ନିକଟରେ ଉପଲବ୍ଧ ଏପରି ମାନବ କିମ୍ବା ଭୌତିକ ସମ୍ବଳକୁ ଜାତୀୟ ପ୍ରାଧିକରଣ କିମ୍ବା ରାଜ୍ୟ ପ୍ରାଧିକରଣଗୁଡ଼ିକ ନିକଟରେ ଉପଲବ୍ଧ କରିବା ନିମନ୍ତେ ସରକାରଙ୍କର କୌଣସି ବିଭାଗ କିମ୍ବା ଅଭିକରଣକୁ ଆବଶ୍ୟକ କରିବ;

(ଢ) ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗ, ରାଜ୍ୟ ପ୍ରାଧିକରଣ, ବୈଧାନିକ ସଂସ୍ଥା, ଅନ୍ୟାନ୍ୟ ସରକାରୀ କିମ୍ବା ବେସରକାରୀ ସଂସ୍ଥା ଏବଂ ବିପର୍ଯ୍ୟୟ ପରିଚାଳନାରେ ନିୟୋଜିତ ଅନ୍ୟାନ୍ୟମାନଙ୍କର କାର୍ଯ୍ୟକଳାପ ସମ୍ପାଦନରେ ପରାମର୍ଶ, ସହାୟତା ଏବଂ ସମନ୍ୱୟ କରିବ;

(ଣ) ଏହି ଅଧିନିୟମ ଅନୁସାରେ, ସେମାନଙ୍କର କାର୍ଯ୍ୟ ସମ୍ପାଦନ ନିମନ୍ତେ ରାଜ୍ୟ ପ୍ରାଧିକରଣ ଏବଂ ଜିଲ୍ଲା ପ୍ରାଧିକରଣଙ୍କୁ ଆବଶ୍ୟକ ବ୍ୟାବହାରିକ ସାହାଯ୍ୟ ପ୍ରଦାନ କରିବ କିମ୍ବା ପରାମର୍ଶ ଦେବ;

(ଡ) ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ସାଧାରଣ ଶିକ୍ଷା ଏବଂ ସଚେତନତାକୁ ପ୍ରୋତ୍ସାହନ ପ୍ରଦାନ କରିବ; ଏବଂ

(ଢ) ଜାତୀୟ ପ୍ରାଧିକରଣ ଯେପରି ଆବଶ୍ୟକ କରିବେ ଏହା ସେପରି ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବ ।

**ଧାରା-୧୧: ଜାତୀୟ ଯୋଜନା (National Plan) :**

(୧) ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସମଗ୍ର ଦେଶ ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରାଯିବ ଯାହାକି ଜାତୀୟ ଯୋଜନା ରୂପେ ଅଭିହିତ ହେବ ।

(୨) ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାର ଏବଂ ବିଶେଷଜ୍ଞ ଦଳ କିମ୍ବା ଅନୁଷ୍ଠାନ ସହିତ ପରାମର୍ଶ କ୍ରମେ ଏବଂ ଜାତୀୟ ନୀତିକୁ ବିବେଚନା କରି ଜାତୀୟ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ପ୍ରସ୍ତୁତ ଜାତୀୟ ଯୋଜନା ଜାତୀୟ ପ୍ରାଧିକରଣ ଦ୍ୱାରା ଅନୁମୋଦିତ ହେବ ।

(୩) ଜାତୀୟ ଯୋଜନା ନିମ୍ନୋକ୍ତ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ :–

(କ) ବିପର୍ଯ୍ୟୟଗୁଡ଼ିକର ନିବାରଣ କିମ୍ବା ତାହାର ପ୍ରଭାବ ପ୍ରଶମନ ନିମନ୍ତେ ଗୃହୀତ ହେବାକୁ ଉଦ୍ଦିଷ୍ଟ ପଦକ୍ଷେପ;

(ଖ) ଯୋଜନାଗୁଡ଼ିକରେ ଉପଶମନର ସବୁ ପଦକ୍ଷେପର ସମନ୍ୱୟ ନିମନ୍ତେ ଗୃହୀତ ହେବାକୁ ଉଦ୍ଦିଷ୍ଟ ପଦକ୍ଷେପ;

(ଗ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟକୁ ସଫଳ ଭାବେ ମୁକାବିଲା କରିବାପାଇଁ ପ୍ରସ୍ତୁତି ଏବଂ କ୍ଷମତା-ନିର୍ମାଣ ଦିଗରେ ଗୃହୀତ ହେବାକୁ ଉଦ୍ଦିଷ୍ଟ ପଦକ୍ଷେପ;

(ଘ) ଖଣ୍ଡ (କ), (ଖ) ଓ (ଗ)ରେ ବିନିର୍ଦ୍ଦିଷ୍ଟ ପଦକ୍ଷେପଗୁଡ଼ିକ ସମ୍ବନ୍ଧରେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକରେ ଭୂମିକା ଓ ଦାୟିତ୍ୱ ।

(୪) ଜାତୀୟ ଯୋଜନା ପ୍ରତିବର୍ଷ ପୁନର୍ବିଲୋକନ ଓ ଅଦ୍ୟତନ ହେବ ।

(୫) ଜାତୀୟ ଯୋଜନା ଅନ୍ତର୍ଗତ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଇବା ନିମନ୍ତେ ଆବଶ୍ୟକ ଅର୍ଥ ପାଇଁ କେନ୍ଦ୍ର ସରକାର ସମୁଚିତ ବ୍ୟବସ୍ଥା ଗ୍ରହଣ କରିବେ ।

(୬) ଉପ-ଧାରା(୨) ଓ (୪)ରେ ସୂଚିତ ଜାତୀୟ ଯୋଜନାର ନକଲ ସବୁ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ ଉପଲବ୍ଧ କରାଯିବ ଏବଂ ଏପରି ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକ ଜାତୀୟ ଯୋଜନା ଅନୁସାରେ ସେମାନଙ୍କର ନିଜ ନିଜର ଯୋଜନା ପ୍ରସ୍ତୁତ କରିବେ ।

**ଧାରା-୧୨: ସର୍ବନିମ୍ନ ସାହାଯ୍ୟର ମାନ ନିମନ୍ତେ ପଥ-ପ୍ରଦର୍ଶିକା (Guidelines for Minimum Standards of Relief) :**

ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ବ୍ୟକ୍ତିମାନଙ୍କୁ ସର୍ବନିମ୍ନ ମାନର ସାହାଯ୍ୟ ଯୋଗାଣ ନିମନ୍ତେ ଜାତୀୟ ପ୍ରାଧିକରଣ ପଥ-ପ୍ରଦର୍ଶିକା ପାଇଁ ସୁପାରିଶ କରିବେ, ଯାହାକି ନିମ୍ନୋକ୍ତ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ :–

(i) ଆଶ୍ରୟ, ଖାଦ୍ୟ, ପାନୀୟ-ଜଳ, ଚିକିତ୍ସା-ଆବରଣ ଏବଂ ସ୍ୱାସ୍ଥ୍ୟ-ରକ୍ଷା ସମ୍ବନ୍ଧରେ ସାହାଯ୍ୟ ଶିବିରରେ ଯୋଗାଇ ଦିଆଯିବାକୁ ଥିବା ସର୍ବନିମ୍ନ ଆବଶ୍ୟକତା;

(ii) ବିଧବା ଏବଂ ଅନାଥଙ୍କ ନିମନ୍ତେ କରାଯିବାକୁ ଥିବା ସ୍ୱତନ୍ତ୍ର ବ୍ୟବସ୍ଥା;

(iii) ଜୀବନ-ହାନି ନିମନ୍ତେ ସାନୁଗ୍ରହ ସାହାଯ୍ୟ ଏବଂ ଗୃହଗୁଡ଼ିକ ପ୍ରତି ସଂଘଟିତ କ୍ଷୟକ୍ଷତି ଯୋଗୁଁ ସାହାଯ୍ୟ ଏବଂ ଜୀବିକାର୍ଜନ ଉପାୟର ପୁନରୁଦ୍ଧାର ପାଇଁ ସାହାଯ୍ୟ;

(iv) ଯେପରି ଦରକାର ପଡ଼ିବ ସେପରି ଅନ୍ୟାନ୍ୟ ସାହାଯ୍ୟ;

**ଧାରା-୧୩: ଋଣ ପରିଶୋଧ ଇତ୍ୟାଦି ପାଇଁ ସାହାଯ୍ୟ (Relief in Loan Re-payment etc.) :**

ଜାତୀୟ ପ୍ରାଧିକରଣ, ଗୁରୁତର ବିପର୍ଯ୍ୟୟ କ୍ଷେତ୍ରରେ ଋଣ ପରିଶୋଧର ସାହାଯ୍ୟ ନିମନ୍ତେ ସୁପାରିଶ କରିବେ କିମ୍ବା ଏପରି ସମୁଚିତ୍ ରିହାତି ସ[illegible]ବଳୀରେ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ସାନି ଋଣ ମଞ୍ଜୁର କରିବା ନିମନ୍ତେ ସୁପାରିଶ କରିବେ ।

•

## ତୃତୀୟ ଅଧ୍ୟାୟ

**(Chapter - III)**

# ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ

**(STATE DISASTER MANAGEMENT AUTHORITIES)**

**ଧାରା-୧୪: ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ସ୍ଥାପନା**

**(Establishment of State Disaster Management Authority) :**

(୧) ପ୍ରତ୍ୟେକ ରାଜ୍ୟ ସରକାର, ୩ ଧାରାର ଉପ-ଧାରା(୧) ଅନ୍ତର୍ଗତ ବିଜ୍ଞପ୍ତି ଜାରି କରାଯିବା ପରେ ଯଥାଶୀଘ୍ର ସରକାରୀ ରାଜପତ୍ରରେ ବିଜ୍ଞପ୍ତି ଦ୍ୱାରା ରାଜ୍ୟପାଇଁ ଏପରି ନାମରେ ଯାହାକି ରାଜ୍ୟ ସରକାରଙ୍କ ବିଜ୍ଞପ୍ତିରେ ବିନିର୍ଦ୍ଦିଷ୍ଟ କରାଯିବ ସେପରି ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସ୍ଥାପନା କରିବେ ।

(୨) ଗୋଟିଏ ରାଜ୍ୟ ପ୍ରାଧିକରଣ, ସଭାପତି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ଧାର୍ଯ୍ୟ କରାଯିବ ସେପରି ନଅରୁ ଅନଧିକ ସଦସ୍ୟମାନଙ୍କୁ ନେଇ ଗଠିତ ହେବ ଏବଂ ନିୟମାବଳୀ ଅନ୍ୟଥା ବ୍ୟବସ୍ଥା କରୁ ନଥିଲେ ରାଜ୍ୟ ପ୍ରାଧିକରଣ ନିମ୍ନୋକ୍ତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ଯଥା :–

(କ) ରାଜ୍ୟର ମୁଖ୍ୟମନ୍ତ୍ରୀ ପଦ-ପ୍ରଯୁକ୍ତ ସଭାପତି ଭାବରେ ରହିବେ;

(ଖ) ଆଠରୁ ଅନଧିକ ଅନ୍ୟ ସଦସ୍ୟମାନେ ରାଜ୍ୟ ପ୍ରାଧିକରଣର ସଭାପତିଙ୍କ ଦ୍ୱାରା ମନୋନୀତ ହେବେ;

(ଗ) ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ସଭାପତି ପଦ-ପ୍ରଯୁକ୍ତ ସଦସ୍ୟ ରୂପେ ରହିବେ;

(୩) ରାଜ୍ୟ ପ୍ରାଧିକରଣର ସଭାପତି ଉପଧାରା(୨)ର ଖଣ୍ଡ(ଖ) ଅନୁସାରେ ମନୋନୀତ ସଦସ୍ୟମାନଙ୍କ ମଧ୍ୟରୁ ଜଣକୁ ରାଜ୍ୟ ପ୍ରାଧିକରଣର ଉପ-ସଭାପତି ରୂପେ ନାମିତ କରିବେ ।

(୪) ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ସଭାପତି ରାଜ୍ୟ ପ୍ରାଧିକରଣର ପଦ-ପ୍ରଯୁକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ କାର୍ଯ୍ୟ କରିବେ :

ପରନ୍ତୁ ଦିଲ୍ଲୀ କେନ୍ଦ୍ରଶାସିତ ଅଞ୍ଚଳ ବ୍ୟତୀତ ବିଧାନସଭା ଥିବା ଅନ୍ୟାନ୍ୟ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏହି ଧାରାରେ ସ୍ଥାପିତ ପ୍ରାଧିକରଣରେ ସଭାପତି ହେବେ ଏବଂ ଅନ୍ୟାନ୍ୟ କେନ୍ଦ୍ରଶାସିତ ଅଞ୍ଚଳ କ୍ଷେତ୍ରରେ ଉପ-ରାଜ୍ୟପାଳ କିମ୍ବା ପ୍ରଶାସକ ସେହି ପ୍ରାଧିକରଣର ସଭାପତି ହେବେ :

ପରନ୍ତୁ ଅଧିକନ୍ତୁ ଦିଲ୍ଲୀ କେନ୍ଦ୍ରଶାସିତ ଅ□ଳର ଉପ-ରାଜ୍ୟପାଳ ରାଜ୍ୟ ପ୍ରାଧିକରଣର ସଭାପତି ଏବଂ ମୁଖ୍ୟମନ୍ତ୍ରୀ ତହିଁର ଉପ-ସଭାପତି ହେବେ ।

(୪) ରାଜ୍ୟ ପ୍ରାଧିକରଣ ସଦସ୍ୟମାନଙ୍କର କାର୍ଯ୍ୟକାଳ ଓ ସେବା ସ□ବଳୀ ଯେପରି ନିର୍ଦ୍ଧାରିତ ହେବ ସେପରି ହେବ ।

**ଧାରା-୧୫: ରାଜ୍ୟ ପ୍ରାଧିକରଣର ବୈଠକ (Meetings of the State Authority) :**

(୧) ଯେତେବେଳେ ଯେପରି ଆବଶ୍ୟକ ପଡ଼ିବ ରାଜ୍ୟ ପ୍ରାଧିକରଣର ବୈଠକ ବସିବ ଏବଂ ରାଜ୍ୟ ପ୍ରାଧିକରଣର ସଭାପତି ଯେପରି ସମୟ ଓ ସ୍ଥାନ ଧାର୍ଯ୍ୟ କରିବେ ସେପରି ସ୍ଥାନ ଓ ସମୟରେ ବୈଠକ ବସିବ ।

(୨) ରାଜ୍ୟ ପ୍ରାଧିକରଣର ସଭାପତି, ରାଜ୍ୟ ପ୍ରାଧିକରଣର ବୈଠକଗୁଡ଼ିକରେ ସଭାପତିତ୍ୱ କରିବେ ।

(୩) ଯଦି କୌଣସି କାରଣରୁ ରାଜ୍ୟ ପ୍ରାଧିକରଣର ସଭାପତି ବୈଠକରେ ଯୋଗଦାନ କରିବାରେ ଅକ୍ଷମ ହୁଅନ୍ତି ତେବେ ରାଜ୍ୟ ପ୍ରାଧିକରଣର ଉପ-ସଭାପତି ବୈଠକରେ ସଭାପତିତ୍ୱ କରିବେ ।

**ଧାରା-୧୬: ରାଜ୍ୟ ପ୍ରାଧିକରଣର ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀବର୍ଗଙ୍କ ନିଯୁକ୍ତି (Appointment of Officers and Other Employees of State Authority) :**

ରାଜ୍ୟ ପ୍ରାଧିକରଣର କାର୍ଯ୍ୟ ସମ୍ପାଦନ ନିମନ୍ତେ ଯେପରି ଆବଶ୍ୟକ ବିବେଚିତ ହେବ ରାଜ୍ୟ ସରକାର ସେପରି ଅଧିକାରୀ, ପରାମର୍ଶଦାତା ଏବଂ କର୍ମଚାରୀବର୍ଗଙ୍କୁ ରାଜ୍ୟ ପ୍ରାଧିକରଣକୁ ଯୋଗାଇ ଦେବେ ।

**ଧାରା-୧୭: ରାଜ୍ୟ ପ୍ରାଧିକରଣ ଦ୍ୱାରା ପରାମର୍ଶଦାତା କମିଟି ଗଠନ (Constitution of Advisory Committee by State Authority) :**

(୧) ଏକ ରାଜ୍ୟ ପ୍ରାଧିକରଣ, ଯେତେବେଳେ ଯେପରି ଆବଶ୍ୟକ ବିବେଚନା କରିବେ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗଗୁଡ଼ିକ ଉପରେ ସୁପାରିଶ କରିବା ନିମନ୍ତେ, ବିପର୍ଯ୍ୟୟ ପରିଚାଳନାରେ ବ୍ୟାବହାରିକ ଅଭିଜ୍ଞତା ଥିବା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରିବେ ।

(୨) ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ଭାବେ ଧାର୍ଯ୍ୟ କରାଯିବ ସେପରି ଭାବରେ ପରାମର୍ଶଦାତା କମିଟିର ସଦସ୍ୟମାନଙ୍କୁ ଭ□ ପ୍ରଦାନ କରାଯିବ ।

**ଧାରା-୧୮: ରାଜ୍ୟ ପ୍ରାଧିକରଣର କ୍ଷମତା ଏବଂ କାର୍ଯ୍ୟ (Powers and Functions of State Authority) :**

(୧) ଏହି ଅଧିନିୟମର ବ୍ୟବସ୍ଥାବଳୀ ସାପେକ୍ଷରେ ଏକ ରାଜ୍ୟ ପ୍ରାଧିକରଣର, ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ନୀତି ଏବଂ ଯୋଜନାସବୁ ନିର୍ଦ୍ଧାରଣ କରିବାପାଇଁ ଦାୟିତ୍ୱ ରହିଛି ।

(୨) ଉପ-ଧାରା(୧)ରେ ନିହିତ ବ୍ୟାପକତାରେ କୌଣସି ଆ□ନ ଆଣି ରାଜ୍ୟ ପ୍ରାଧିକରଣ ନିମ୍ନୋକ୍ତ କାର୍ଯ୍ୟ କରିପାରିବେ :–

(କ) ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ନୀତି ନିର୍ଦ୍ଧାରଣ କରିବା;

(ଖ) ଜାତୀୟ ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ପଥ-ପ୍ରଦର୍ଶିକା ଅନୁସାରେ ରାଜ୍ୟ ଯୋଜନାକୁ ଅନୁମୋଦନ କରିବା;

(ଗ) ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ଦ୍ୱାରା ପ୍ରସ୍ତୁତ ବିପର୍ଯ୍ୟୟ ପରିଚାଳନା ଯୋଜନାସବୁକୁ ଅନୁମୋଦନ କରିବା;

(ଘ) ସେମାନଙ୍କର ଉନ୍ନୟନମୂଳକ ଯୋଜନା ଓ ପରିକଳ୍ପନାଗୁଡ଼ିକରେ ବିପର୍ଯ୍ୟୟ ନିବାରଣ ଏବଂ ଉପଶମନ ପାଇଁ ପଦକ୍ଷେପଗୁଡ଼ିକର ସମନ୍ୱୟ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ଦ୍ୱାରା ଅନୁସୃତ ହେବାକୁ ଥିବା ପଥ-ପ୍ରଦର୍ଶିକା ନିର୍ଦ୍ଧାରଣ କରିବା;

(ଙ) ରାଜ୍ୟ ଯୋଜନାର କାର୍ଯ୍ୟାନ୍ୱୟନକୁ ସମନ୍ୱିତ କରିବା;

(ଚ) ଉପଶମନ ଓ ପ୍ରସ୍ତୁତି ପଦକ୍ଷେପଗୁଡ଼ିକ ନିମନ୍ତେ ପାଣ୍ଠିର ବ୍ୟବସ୍ଥା ପାଇଁ ସୁପାରିଶ କରିବା;

(ଛ) ରାଜ୍ୟର ବିଭିନ୍ନ ବିଭାଗଗୁଡ଼ିକର ଉନ୍ନୟନମୂଳକ ଯୋଜନା ସବୁକୁ ପୁନର୍ବିଲୋକନ ଏବଂ ତହିଁରେ ନିବାରଣ ଓ ଉପଶମନ ପଦକ୍ଷେପଗୁଡ଼ିକ ସମନ୍ୱିତ ହୋଇଛି ବୋଲି ସୁନିଶ୍ଚିତ କରିବା;

(ଜ) ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ଦ୍ୱାରା ଉପଶମନ, କ୍ଷମତା ନିର୍ମାଣ ଓ ପ୍ରସ୍ତୁତିକରଣ ନିମନ୍ତେ ଗୃହୀତ ହେବାକୁ ଥିବା ପଦକ୍ଷେପଗୁଡ଼ିକୁ ପୁନର୍ବିଲୋକନ କରିବା;

(୩) ରାଜ୍ୟ ପ୍ରାଧିକରଣର ସଭାପତିଙ୍କର, ଜରୁରୀ କାଳୀନ ପରିସ୍ଥିତିରେ, ରାଜ୍ୟ ପ୍ରାଧିକରଣର ସବୁ କିମ୍ବା ଯେକୌଣସି କ୍ଷମତା ପ୍ରୟୋଗ କରିବା ନିମନ୍ତେ କ୍ଷମତା ରହିବ, ମାତ୍ର ଏପରି କ୍ଷମତାଗୁଡ଼ିକର ପ୍ରୟୋଗ ରାଜ୍ୟ ପ୍ରାଧିକରଣର କାର୍ଯ୍ୟୋ□ର ଅନୁସମର୍ଥନ ସାପେକ୍ଷ ହେବ ।

**ଧାରା-୧୯: ରାଜ୍ୟ ପ୍ରାଧିକରଣ ଦ୍ୱାରା ସର୍ବନିମ୍ନ ମାନର ସାହାଯ୍ୟ ନିମନ୍ତେ ପଥ-ପ୍ରଦର୍ଶିକା (Guidelines for Minimum Standard of Relief by State Authority) :**

ରାଜ୍ୟରେ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ବ୍ୟକ୍ତିମାନଙ୍କୁ ସାହାଯ୍ୟ ଯୋଗାଣ ପାଇଁ ରାଜ୍ୟ ପ୍ରାଧିକରଣ ବିଶଦ ପଥ-ପ୍ରଦର୍ଶିକା ନିର୍ଦ୍ଧାରଣ କରିବେ :

ପରନ୍ତୁ ଏପରି ମାନକ ଏ ସଂକ୍ରାନ୍ତରେ ଜାତୀୟ ପ୍ରାଧିକରଣ ଦ୍ୱାରା ଧାର୍ଯ୍ୟ ପଥ-ପ୍ରଦର୍ଶିକାରେ ଥିବା ସର୍ବନିମ୍ନ ମାନକଠାରୁ କୌଣସି କ୍ଷେତ୍ରରେ ନ୍ୟୁନ ହେବ ନାହିଁ ।

**ଧାରା-୨୦: ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ଗଠନ**

**(Constitution of State Executive Committee) :**

(୧) ରାଜ୍ୟ ସରକାର ୧୪ ଧାରାର ଉପଧାରା(୧) ଅନ୍ତର୍ଗତ ଜାରି କରାଯାଇଥିବା ବିଜ୍ଞପ୍ତିର ତତ୍‌କ୍ଷଣାତ୍ ପରେ, ରାଜ୍ୟ ପ୍ରାଧିକରଣକୁ ତାଙ୍କର କାର୍ଯ୍ୟ ସମ୍ପାଦନରେ ସହାୟତା ପ୍ରଦାନ କରିବା ପାଇଁ ଏବଂ ରାଜ୍ୟ ପ୍ରାଧିକରଣ ଦ୍ୱାରା ଧାର୍ଯ୍ୟ ପଥ ପ୍ରଦର୍ଶିକା ଅନୁସାରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବା ପାଇଁ ଏବଂ ଏହି ଅଧିନିୟମ ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀର ଅନୁପାଳନକୁ ସୁନିଶ୍ଚିତ କରିବାପାଇଁ ଏକ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଗଠନ କରିବେ ।

(୨) ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ନିମ୍ନୋକ୍ତ ସଦସ୍ୟମାନଙ୍କୁ ନେଇ ଗଠିତ ହେବ, ତଥା –

(କ) ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଯିଏକି ପଦ-ପ୍ରଯୁକ୍ତ ସଭାପତି ରୂପେ କାର୍ଯ୍ୟ କରିବେ;

(ଖ) ରାଜ୍ୟ ସରକାର ଯେପରି ଉଚିତ୍ ମନେ କରିବେ ସେପରି ବିଭାଗଗୁଡ଼ିକର ରାଜ୍ୟ ସରକାରଙ୍କର ଚାରି ଜଣ ଶାସନ ସଚିବ ଯେଉଁମାନେ କି ପଦ-ପ୍ରଯୁକ୍ତ ସଦସ୍ୟ ରୂପେ କାର୍ଯ୍ୟ କରିବେ;

(୩) ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ସଭାପତି, ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ଭାବେ ବିହିତ କରାଯିବ ସେପରି କ୍ଷମତାଗୁଡ଼ିକୁ ପ୍ରୟୋଗ ଏବଂ ସେପରି କାର୍ଯ୍ୟଗୁଡ଼ିକର ସମ୍ପାଦନ କରିବେ ଏବଂ ରାଜ୍ୟ ପ୍ରାଧିକରଣ ଦ୍ୱାରା ତାଙ୍କୁ ଯେପରି ଅଧିକାର ଅର୍ପିତ ହେବ ସେ ସେପରି ଅନ୍ୟାନ୍ୟ କ୍ଷମତାଗୁଡ଼ିକୁ ଓ କାର୍ଯ୍ୟଗୁଡ଼ିକୁ ନିର୍ବାହ କରିବେ ।

(୪) ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ଭାବରେ ବିହିତ କରାଯିବ ସେପରି ଭାବରେ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ତାହାର କ୍ଷମତାଗୁଡ଼ିକର ପ୍ରୟୋଗ ଏବଂ ତାହାର କାର୍ଯ୍ୟଗୁଡ଼ିକର ନିର୍ବାହ କ୍ରିୟାବିଧି ଅନୁସୃତ ହେବ ।

**ଧାରା-୨୧: ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଉପ-କମିଟି ଗଠନ (Constitution of Sub-committee by State Executive Committee) :**

(୧) ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି, ଯେପରି ଓ ଯେତେବେଳେ ଆବଶ୍ୟକ ବିବେଚନା କରିବେ, ନିଜ କାର୍ଯ୍ୟ ସବୁର ଦକ୍ଷତାପୂର୍ଣ୍ଣ ନିର୍ବାହ ନିମନ୍ତେ, ଏକ କିମ୍ବା ଅଧିକ ଉପକମିଟିଗୁଡ଼ିକ ଗଠନ କରିପାରିବେ ।

(୨) ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି, ନିଜର ସଦସ୍ୟମାନଙ୍କ ମଧ୍ୟରୁ ଜଣଙ୍କୁ, ଉପଧାରା(୧)ରେ ସୂଚିତ ଉପକମିଟିର ସଭାପତି ଭାବରେ ନିଯୁକ୍ତ କରିବେ ।

(୩) କୌଣସି ଉପ-କମିଟି ସହିତ ବିଶେଷଜ୍ଞ ରୂପେ ସଂପୃକ୍ତ କୌଣସି ବ୍ୟକ୍ତିଙ୍କୁ, ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ଭାବେ ବିହିତ ହେବ ସେପରି ଭାବରେ ଭ□ ପ୍ରଦାନ କରାଯିବ ।

**ଧାରା-୨୨: ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର କାର୍ଯ୍ୟାବଳୀ**

**(Functions of the State Executive Committee) :**

(୧) ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଜାତୀୟ ଯୋଜନା ଏବଂ ରାଜ୍ୟ ଯୋଜନାକୁ କାର୍ଯ୍ୟାନ୍ୱୟନ କରିବା ଏବଂ ସମନ୍ୱୟକାରୀ ଓ ପର୍ଯ୍ୟାଲୋଚକ ସଂସ୍ଥା ରୂପେ କାର୍ଯ୍ୟ କରିବା ନିମନ୍ତେ ଦାୟିତ୍ୱ ରହିଛି ।

(୨) ଉପ-ଧାରା(୧)ର ବ୍ୟବସ୍ଥାବଳୀର ବ୍ୟାପକତାରେ କୌଣସି ଆ□ନ ଆଣି ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ନିମ୍ନୋକ୍ତ କାର୍ଯ୍ୟ କରିପାରିବେ:–

(କ) ଜାତୀୟ ନୀତି, ଜାତୀୟ ଯୋଜନା ଏବଂ ରାଜ୍ୟ ଯୋଜନାର ସମନ୍ୱୟ ଏବଂ କାର୍ଯ୍ୟାନ୍ୱୟନ ପର୍ଯ୍ୟାଲୋଚନା;

(ଖ) ରାଜ୍ୟର ବିଭିନ୍ନ ଅଂଶ ପ୍ରତି ବିଭିନ୍ନ ଧରଣର ବିପର୍ଯ୍ୟୟଗୁଡ଼ିକର ଭେଦ୍ୟତାକୁ ପରୀକ୍ଷା କରିବା ଏବଂ ସେଗୁଡ଼ିକର ନିବାରଣ କିମ୍ବା ଉପଶମନ ନିମନ୍ତେ ଗୃହୀତ ହେବାକୁ ଥିବା ପଦକ୍ଷେପଗୁଡ଼ିକୁ ବିନିର୍ଦ୍ଦିଷ୍ଟ କରିବା;

(ଗ) ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ଦ୍ୱାରା ଏବଂ ଜିଲ୍ଲା ପ୍ରାଧିକରଣଗୁଡ଼ିକ ଦ୍ୱାରା ବିପର୍ଯ୍ୟୟ ପରିଚାଳନାର ପ୍ରସ୍ତୁତି ନିମନ୍ତେ ପଥ-ପ୍ରଦର୍ଶିକା ନିର୍ଦ୍ଧାରଣ କରିବା;

(ଘ) ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ଦ୍ୱାରା ଏବଂ ଜିଲ୍ଲା ପ୍ରାଧିକରଣଗୁଡ଼ିକ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିପର୍ଯ୍ୟୟ ପରିଚାଳନା ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନକୁ ପର୍ଯ୍ୟାଲୋଚନା କରିବା;

(ଙ) ବିଭାଗଗୁଡ଼ିକଦ୍ୱାରା ସେମାନଙ୍କର ଉନ୍ନୟନମୂଳକ ଯୋଜନା ଏବଂ ପରିକଳ୍ପନାଗୁଡ଼ିକରେ ବିପର୍ଯ୍ୟୟଗୁଡ଼ିକର ନିବାରଣ ଏବଂ ଉପଶମନ ପାଇଁ ସମନ୍ୱୟକାରୀ ପଦକ୍ଷେପଗୁଡ଼ିକ ନିମନ୍ତେ ରାଜ୍ୟ ପ୍ରାଧିକରଣଦ୍ୱାରା ନିର୍ଦ୍ଧାରିତ ପଥ-ପ୍ରଦର୍ଶିକାଗୁଡ଼ିକର କାର୍ଯ୍ୟାନ୍ୱୟନକୁ ପର୍ଯ୍ୟାଲୋଚନା କରିବା;

(ଚ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ୱା ବିପର୍ଯ୍ୟୟର ମୁକାବିଲା ପାଇଁ ସବୁ ସରକାରୀ କିମ୍ୱା ବେସରକାରୀ ସ୍ତରୀୟ ପ୍ରସ୍ତୁତିକରଣ ମୂଲ୍ୟାୟନ କରିବା;

(ଛ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ୱା ବିପର୍ଯ୍ୟୟର ଘଟଣାକ୍ରମେ ମୁକାବିଲାକୁ ସମନ୍ୱିତ କରିବା ଏବଂ ଆବଶ୍ୟକ ହେଲେ ଏପରି ପ୍ରସ୍ତୁତିକରଣର ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିବା;

(ଜ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ୱା ବିପର୍ଯ୍ୟୟର ଘଟଣା କ୍ରମେ ମୁକାବିଲାକୁ ସମନ୍ୱିତ କରିବା;

(ଝ) ରାଜ୍ୟର ବିଭିନ୍ନ ଅଂଶଗୁଡ଼ିକ ପ୍ରତି ଯେଉଁ ଧରଣର ବିପର୍ଯ୍ୟୟଗୁଡ଼ିକ ଭେଦ୍ୟ ଏବଂ ବିପର୍ଯ୍ୟୟର ନିବାରଣ, ଉପଶମନ ଏବଂ ଏପରି ବିପର୍ଯ୍ୟୟର ମୁକାବିଲା ପାଇଁ ଏପରି ସମ୍ପ୍ରଦାୟଦ୍ୱାରା ଯେଉଁସବୁ ପଦକ୍ଷେପ ନିଆଯିବା ଦରକାର ସେ ସମ୍ୱନ୍ଧରେ ସାଧାରଣ ଶିକ୍ଷା, ସଚେତନତା ଏବଂ ଗୋଷ୍ଠୀଗତ ତାଲିମ୍‌କୁ ପ୍ରୋତ୍ସାହିତ କରିବା;

(ଞ) ବିପର୍ଯ୍ୟୟ ପରିଚାଳନାରେ ନିୟୋଜିତ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକର ଜିଲ୍ଲା ପ୍ରାଧିକରଣଗୁଡ଼ିକର, ବୈଧାନିକ ସଂସ୍ଥାଗୁଡ଼ିକର ଏବଂ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକର କ୍ରିୟାକଳାପରେ ପରାମର୍ଶ, ସହାୟତା ଏବଂ ସମନ୍ୱୟ ପ୍ରଦାନ କରିବା;

(ଟ) ସଫଳ ଭାବରେ ସେମାନଙ୍କର କାର୍ଯ୍ୟ ସମ୍ପାଦନକୁ ପାଳନ କରିବା ନିମନ୍ତେ ଆବଶ୍ୟକ ବୈଷୟିକ ସହାୟତା କିମ୍ୱା ପରାମର୍ଶ ଜିଲ୍ଲା ପ୍ରାଧିକରଣଗୁଡ଼ିକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଗୁଡ଼ିକୁ ଯୋଗାଇ ଦେବା;

(ଠ) ବିପର୍ଯ୍ୟୟ ପରିଚାଳନା ସମ୍ୱନ୍ଧରେ ସମସ୍ତ ଅର୍ଥନୈତିକ ବିଷୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ପ୍ରଦାନ କରିବା;

(ଡ) ରାଜ୍ୟର କୌଣସି ଅଞ୍ଚଳରେ କୌଣସି ନିର୍ମାଣକୁ ପରୀକ୍ଷା କରିବା ଏବଂ ଯଦି ମତପୋଷଣ କରନ୍ତି ଯେ ବିପର୍ଯ୍ୟୟ ନିବାରଣ ପାଇଁ ଏପରି ନିର୍ମାଣ ନିମନ୍ତେ ନିର୍ଦ୍ଧାରିତ ମାନକ ହେଉନାହିଁ କିମ୍ୱା ଅନୁସୃତ ହୋଇନାହିଁ, ତେବେ

ଜିଲ୍ଲା ପ୍ରାଧିକରଣ କିମ୍ବା ସ୍ଥାନୀୟ ପ୍ରାଧିକରଣକୁ ଯଥାସ୍ଥିତି ଏପରି ମାନକର ଅନୁପାଳନକୁ ସୁନିଶ୍ଚିତ କରିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା;

(ଢ) ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ସମ୍ବନ୍ଧରେ ଜାତୀୟ ପ୍ରାଧିକରଣକୁ ତଥ୍ୟ ଯୋଗାଇ ଦେବା;

(ଣ) ରାଜ୍ୟସ୍ତରୀୟ ମୁକାବିଲା ଯୋଜନାଗୁଡ଼ିକର ଏବଂ ପଥପ୍ରଦର୍ଶିକା-ଗୁଡ଼ିକର ନିର୍ଦ୍ଧାରଣ ପୁନର୍ବିଲୋକନ ଏବଂ ଅଦ୍ୟତନ କରିବା ଏବଂ ଜିଲ୍ଲାସ୍ତରୀୟ ଯୋଜନାଗୁଡ଼ିକ ପ୍ରସ୍ତୁତ ହୋଇଥିବା ପୁନର୍ବିଲୋକିତ ହୋଇଥିବା ଏବଂ ଅଦ୍ୟତନ ହୋଇଥିବାକୁ ସୁନିଶ୍ଚିତ କରିବା;

(ତ) ଯୋଗାଯୋଗ ବ୍ୟବସ୍ଥା ସବୁ ଠିକ୍ ଅଛି ବୋଲି ଏବଂ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ସମୟାନୁକ୍ରମେ ପାଳିତ ହେଉଛି ବୋଲି ସୁନିଶ୍ଚିତ କରିବା;

(ଥ) ରାଜ୍ୟ ପ୍ରାଧିକରଣ ଦ୍ୱାରା ତାଙ୍କୁ ଯେପରି ଅନ୍ୟାନ୍ୟ କାର୍ଯ୍ୟକଳାପ ସବୁ ଅର୍ପଣ କରାଯିବ କିମ୍ବା ସେ ଏପରି ଆବଶ୍ୟକ ବିବେଚନା କରିବେ ସେପରି କାର୍ଯ୍ୟକଳାପ ସବୁ ସମ୍ପାଦନ କରିବା;

**ଧାରା-୨୩: ରାଜ୍ୟ ଯୋଜନା (State Plan) :**

(୧) ପ୍ରତ୍ୟେକ ରାଜ୍ୟ ପାଇଁ ଏକ ଯୋଜନା ରହିବ ଯାହାକୁ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ଭାବେ ଅଭିହିତ କରାଯିବ ।

(୨) ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଯେପରି ଉଚିତ୍ ମନେ କରିବେ ସେପରି ଭାବରେ ସ୍ଥାନୀୟ ପ୍ରାଧିକରଣଗୁଡ଼ିକ ସହିତ ଜିଲ୍ଲା ପ୍ରାଧିକରଣଗୁଡ଼ିକ ସହିତ ଏବଂ ଲୋକପ୍ରତିନିଧିମାନଙ୍କ ସହିତ ଏପରି ପରାମର୍ଶ କରିବା ପରେ ଏବଂ ଜାତୀୟ ପ୍ରାଧିକରଣ ଦ୍ୱାରା ନିର୍ଦ୍ଧାରିତ ପଥ-ପ୍ରଦର୍ଶିକାକୁ ବିବେଚନାକୁ ନେଇ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ରାଜ୍ୟ ଯୋଜନା ପ୍ରସ୍ତୁତ କରାଯିବ ।

(୩) ଉପଧାରା(୨) ଅନୁସାରେ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ପ୍ରସ୍ତୁତ ରାଜ୍ୟ ଯୋଜନା ରାଜ୍ୟ ପ୍ରାଧିକରଣ ଦ୍ୱାରା ଅନୁମୋଦିତ ହେବ ।

(୪) ରାଜ୍ୟ ଯୋଜନା ନିମ୍ନୋକ୍ତ ବିଷୟକୁ ଅନ୍ତର୍ଭୁକ୍ତ କରିବ :-

(କ) ବିଭିନ୍ନ ଧରଣର ବିପର୍ଯ୍ୟୟଗୁଡ଼ିକର ରାଜ୍ୟର ବିଭିନ୍ନ ଅଂଶଗୁଡ଼ିକ ପ୍ରତି ଭେଦ୍ୟତା;

(ଖ) ବିପର୍ଯ୍ୟୟଗୁଡ଼ିକର ନିବାରଣ ଏବଂ ପ୍ରଶମନ ନିମନ୍ତେ ଅବଲମ୍ବନ ହେବାକୁ ଥିବା ପଦକ୍ଷେପ ସବୁ;

(ଗ) କେଉଁ ଧରଣର ପ୍ରଶମନ ପଦକ୍ଷେପଗୁଡ଼ିକୁ ଉନ୍ନୟନମୂଳକ ଯୋଜନା ଏବଂ ପରିକଳ୍ପନାଗୁଡ଼ିକ ସହିତ ଏକୀଭୂତ କରାଯିବ;

(ଘ) ଗ୍ରହଣ କରାଯିବାକୁ ଉଦ୍ଦିଷ୍ଟ କ୍ଷମତା ନିର୍ମାଣ ଏବଂ ପ୍ରସ୍ତୁତିକରଣ ପଦକ୍ଷେପ ସବୁ;

(ଙ) ଉପରୋକ୍ତ ଖଣ୍ଡାବଳୀ (ଖ), (ଗ) ଓ (ଘ)ରେ ବିନିର୍ଦ୍ଦିଷ୍ଟ ପଦକ୍ଷେପଗୁଡ଼ିକ ସମ୍ବନ୍ଧରେ ରାଜ୍ୟ ସରକାରଙ୍କର ପ୍ରତ୍ୟେକ ବିଭାଗର ଭୂମିକା ଏବଂ ଦାୟିତ୍ୱ;

(ଚ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟକୁ ମୁକାବିଲା କରିବାରେ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗଗୁଡ଼ିକର ଭୂମିକା ଏବଂ ଦାୟିତ୍ୱ;

(୫) ରାଜ୍ୟ ଯୋଜନା ବର୍ଷକୁ ବର୍ଷ ପୁନର୍ବିଲୋକିତ ଏବଂ ଅଦ୍ୟତନ ହେବ ।

(୬) ରାଜ୍ୟ ଯୋଜନା ଅନୁସାରେ ପାଳନ କରାଯିବାକୁ ଉଦ୍ଦିଷ୍ଟ ପଦକ୍ଷେପଗୁଡ଼ିକ ନିମନ୍ତେ ଅର୍ଥ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସମୁଚିତ ବ୍ୟବସ୍ଥା ହେବ ।

(୭) ଉପ-ଧାରା(୨) ଏବଂ (୫)ରେ ସୂଚିତ ରାଜ୍ୟ ଯୋଜନାର ନକଲଗୁଡ଼ିକୁ ରାଜ୍ୟ ସରକାରଙ୍କ ସବୁ ବିଭାଗକୁ ଉପଲବ୍ଧ କରାଯିବ ଏବଂ ଏପରି ବିଭାଗଗୁଡ଼ିକ ରାଜ୍ୟ ଯୋଜନା ଅନୁସାରେ ସେମାନଙ୍କର ନିଜର ଯୋଜନାଗୁଡ଼ିକ ନିର୍ଦ୍ଧାରଣ କରିବେ ।

**ଧାରା-୨୪: ଭୟାବହ ବିପର୍ଯ୍ୟୟ ପରିସ୍ଥିତିର ଘଟଣାକ୍ରମେ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର କ୍ଷମତା ଏବଂ କ୍ରିୟାକଳାପ (Powers and Functions of State Executive Committee in the Event of Threatening Disaster Situation) :**

ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ଗୋଷ୍ଠୀକୁ ସହାୟତା ପ୍ରଦାନ ଏବଂ ସୁରକ୍ଷା ପ୍ରଦାନ ଉଦ୍ଦେଶ୍ୟରେ କିମ୍ବା ଏପରି ଗୋଷ୍ଠୀକୁ ସାହାଯ୍ୟ ଯୋଗାଣ ଉଦ୍ଦେଶ୍ୟରେ କିମ୍ବା ବିପର୍ଯ୍ୟୟ ନିବାରଣ ଉଦ୍ଦେଶ୍ୟରେ କିମ୍ବା ବିପର୍ଯ୍ୟୟର ବ୍ୟାଘାତକୁ ସଂଘର୍ଷ କରିବା ଉଦ୍ଦେଶ୍ୟରେ କିମ୍ବା କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା କରିବା ଉଦ୍ଦେଶ୍ୟରେ, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ନିମ୍ନୋକ୍ତ କାର୍ଯ୍ୟ କରିବେ :–

(କ) ଭେଦ୍ୟ କିମ୍ବା ପ୍ରଭାବିତ ଅଞ୍ଚଳକୁ କିମ୍ବା ଭିତରେ ଯାନବାହନ ଚଳାଚଳକୁ ନିୟନ୍ତ୍ରଣ ଏବଂ କଟକଣା ଜାରି କରିବା;

(ଖ) ଏକ ଭେଦ୍ୟ କିମ୍ବା ପ୍ରଭାବିତ ଅ□ଳକୁ କୌଣସି ବ୍ୟକ୍ତିର ପ୍ରବେଶ, ଭିତରେ ତାଙ୍କର ଚଳାଚଳ ଏବଂ ଉକ୍ତ ଅ□ଳରୁ ତାଙ୍କର ପ୍ରସ୍ଥାନ ଉପରେ ନିୟନ୍ତ୍ରଣ ଏବଂ କଟକଣା ଜାରି କରିବା;

(ଗ) ଆବର୍ଜନା ଅପସାରଣ, ଅନ୍ୱେଷଣ ସ□ାଳନ ଏବଂ ଉଦ୍ଧାର କାର୍ଯ୍ୟ ସମ୍ପାଦନ କରିବା;

(ଘ) ଜାତୀୟ ପ୍ରାଧିକରଣ କିମ୍ବା ରାଜ୍ୟ ପ୍ରାଧିକରଣ ନିର୍ଦ୍ଧାରିତ ମାନକ ଅନୁସାରେ ଆଶ୍ରୟ, ଖାଦ୍ୟ, ପାନୀୟ ଜଳ, ଅତ୍ୟାବଶ୍ୟକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଯତ୍ନ ଏବଂ ସେବା ଯୋଗାଇ ଦେବା;

(ଙ) ତାଙ୍କ ମତରେ ଯେପରି ଆବଶ୍ୟକ ମନେ ହେବ ସେପରି ଭାବେ ଉଦ୍ଧାର, ସ୍ଥାନାନ୍ତର କିମ୍ବା ଜୀବନ କିମ୍ବା ସମ୍ପ□ ରକ୍ଷାକାରୀ ସାହାଯ୍ୟ ତୁରନ୍ତ ଯୋଗାଣ ନିମନ୍ତେ ରାଜ୍ୟର କ୍ଷେତ୍ରା□କ ପରିସୀମା ମଧ୍ୟରେ ଥିବା ରାଜ୍ୟ ସରକାରଙ୍କ ସଂପୃକ୍ତ ବିଭାଗ, କୌଣସି ଜିଲ୍ଲା ପ୍ରାଧିକରଣ କିମ୍ବା ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବା;

(ଚ) କୌଣସି ପ୍ରାସଙ୍ଗିକ ସମ୍ବଳର ଦାୟିତ୍ୱରେ ଥିବା କୌଣସି ବ୍ୟକ୍ତି କିମ୍ବା ପ୍ରାଧିକାରୀ କିମ୍ବା ଅନ୍ୟ କୌଣସି ଅନୁଷ୍ଠାନ କିମ୍ବା ରାଜ୍ୟ ସରକାରଙ୍କ କୌଣସି ବିଭାଗକୁ, ଜରୁରୀକାଳୀନ ମୁକାବିଲା, ଉଦ୍ଧାର ଏବଂ ସାହାଯ୍ୟ ଉଦ୍ଦେଶ୍ୟରେ ଏପରି ସମ୍ବଳ ଉପଲବ୍ଧ କରାଇବା ନିମନ୍ତେ ଆବଶ୍ୟକ କରିବା;

(ଛ) ବିପର୍ଯ୍ୟୟ କ୍ଷେତ୍ରରେ ବିଶେଷଜ୍ଞ ଏବଂ ପରାମର୍ଶଦାତାଙ୍କୁ ଉଦ୍ଧାର ଏବଂ ସାହାଯ୍ୟ ନିମନ୍ତେ ପରାମର୍ଶ ଏବଂ ସହାୟତା ଯୋଗାଇ ଦେବା ପାଇଁ ଆବଶ୍ୟକ କରିବା;

(ଜ) ଯେତେବେଳେ ଯେପରି ଦରକାର ପଡ଼ିବ କୌଣସି ପ୍ରାଧିକାରୀ କିମ୍ବା ବ୍ୟକ୍ତିଙ୍କଠାରୁ ଏକାନ୍ତ କିମ୍ବା ଅଧିମାନ୍ୟ ବ୍ୟବହାର ପାଇଁ ଉଦ୍ଦିଷ୍ଟ ସୁଖଦାୟକ ବସ୍ତୁ ସଂଗ୍ରହ କରିବା;

(ଝ) ଅସ୍ଥାୟୀ ପୋଲ କିମ୍ବା ଅନ୍ୟାନ୍ୟ ଆବଶ୍ୟକ ସଂରଚନା ନିର୍ମାଣ କରିବା ଏବଂ ସର୍ବସାଧାରଣଙ୍କ ପ୍ରତି ବିପଦ-ସଙ୍କୁଳ ନିରାପ□ହୀନ ସଂରଚନାସବୁକୁ ଧ୍ୱଂସ କରିଦେବା;

(ଞ) ବେସରକାରୀ ଅନୁଷ୍ଠାନଗୁଡ଼ିକ ସେମାନଙ୍କର କାର୍ଯ୍ୟକଳାପ ସମାନତା ଭାବେ ଏବଂ ବିନା ପକ୍ଷପାତରେ ପାଳନ କରୁଛନ୍ତି ବୋଲି ସୁନିଶ୍ଚିତ କରିବା;

(ଟ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ମୁକାବିଲା କରିବା ନିମନ୍ତେ ସର୍ବସାଧାରଣଙ୍କୁ ସୂଚନା ଯୋଗାଇ ଦେବା;

(ଠ) ଏପରି ପଦକ୍ଷେପ ଗ୍ରହଣ କରିବା ଯେପରି କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର ଏ ସମ୍ବନ୍ଧରେ ନିର୍ଦ୍ଦେଶ ଦେଇପାରିବେ କିମ୍ବା ଏପରି ଅନ୍ୟ ପଦକ୍ଷେପ ଗ୍ରହଣ କରିପାରିବେ ଯେପରି କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟ ଧରଣ ଦ୍ୱାରା ଦରକାର କିମ୍ବା ନିର୍ଭରଶୀଳ ଜଣାପଡୁଥିବ ।

•

**ଚତୁର୍ଥ ଅଧ୍ୟାୟ**

**(Chapter - IV)**

# ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ

**(DISTRICT DISASTER MANAGEMENT AUTHORITY)**

**ଧାରା-୨୫: ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ଗଠନ**

**(Constitution of District Disaster Management Authority) :**

(୧) ପ୍ରତ୍ୟେକ ରାଜ୍ୟ ସରକାର, ୧୪ ଧାରାର ଉପଧାରା(୧) ଅନ୍ତର୍ଗତ ବିଜ୍ଞପ୍ତି ଜାରି ପରେ, ଯେତେ ଶୀଘ୍ର ସମ୍ଭବ, ସରକାରୀ ରାଜପତ୍ରଦ୍ୱାରା ସେହି ବିଜ୍ଞପ୍ତିରେ ବିନିର୍ଦ୍ଦିଷ୍ଟ ନାମ ସହିତ ରାଜ୍ୟର ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଗୋଟିଏ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ସ୍ଥାପନା କରିବେ ।

(୨) ରାଜ୍ୟ ସରକାରଙ୍କଦ୍ୱାରା ଯେପରି ଭାବେ ଧାର୍ଯ୍ୟ କରାଯିବ ସେପରି ଭାବରେ ଜଣେ ସଭାପତି ଏବଂ ସାତରୁ ଅନଧିକ ଏପରି ସଂଖ୍ୟକ ଅନ୍ୟ ସଦସ୍ୟଙ୍କୁ ନେଇ ଜିଲ୍ଲା ପ୍ରାଧିକରଣ ଗଠିତ ହେବ ଏବଂ ନିୟମାବଳୀ ଅନ୍ୟଥା ବ୍ୟବସ୍ଥା କରୁ ନଥିଲେ, ଏହା ନିମ୍ନୋକ୍ତ ସଦସ୍ୟଙ୍କୁ ନେଇ ଗଠିତ ହେବ, ଯଥା :—

(କ) ଜିଲ୍ଲାର ଜିଲ୍ଲାପାଳ କିମ୍ବା ଜିଲ୍ଲା ମାଜିଷ୍ଟ୍ରେଟ୍ କିମ୍ବା ଉପ-ଆୟୁକ୍ତ, ଯଥାସ୍ଥିତ, ପଦ-ପ୍ରଯୁକ୍ତ ସଭାପତି ହେବେ;

(ଖ) ସ୍ଥାନୀୟ ପ୍ରାଧିକରଣର ନିର୍ବାଚିତ ପ୍ରତିନିଧି ପଦ-ପ୍ରଯୁକ୍ତ ସହ-ସଭାପତି ହେବେ :

ପରନ୍ତୁ ସମ୍ବିଧାନର ଷଷ୍ଠ ତଫସିଲରେ ସୂଚିତ ଜନଜାତି ଅଞ୍ଚଳରେ ସ୍ୱୟଂଶାସିତ ଜିଲ୍ଲାର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟ ପଦ-ପ୍ରଯୁକ୍ତ ସହ-ସଭାପତି ହେବେ;

(ଗ) ଜିଲ୍ଲା କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ପଦ-ପ୍ରଯୁକ୍ତ ସଦସ୍ୟ;

(ଘ) ପୁଲିସ ଅଧୀକ୍ଷକ, ପଦ-ପ୍ରଯୁକ୍ତ ସଦସ୍ୟ;

(ଙ) ଜିଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ, ପଦ-ପ୍ରଯୁକ୍ତ ସଦସ୍ୟ;

(ଚ) ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଅନଧିକ ଅନ୍ୟ ଦୁଇଜଣ ଜିଲ୍ଲାସ୍ତରୀୟ ଅଧିକାରୀ, ପଦ-ପ୍ରଯୁକ୍ତ ସଦସ୍ୟ

(୩) ଏପରି କୌଣସି ଜିଲ୍ଲାରେ ଯେଉଁଠି ଜିଲ୍ଲା ପରିଷଦ ବିଦ୍ୟମାନ ଥିବ ତାହାର ସଭାପତି ଜିଲ୍ଲା ପ୍ରାଧିକରଣର ସଭାପତି ହେବେ ।

(୪) ରାଜ୍ୟ ସରକାରଙ୍କଦ୍ୱାରା ଧାର୍ଯ୍ୟ ଏପରି କ୍ଷମତାର ପ୍ରୟୋଗ ଏବଂ ଏପରି କାର୍ଯ୍ୟ ସମ୍ପାଦନ ପାଇଁ ରାଜ୍ୟ ସରକାର, ଜିଲ୍ଲା ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ, ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ କିମ୍ବା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ କିମ୍ବା ଅତିରିକ୍ତ ଉପ-ଆୟୁକ୍ତ ପାହ୍ୟାରୁ ତଳ ପାହ୍ୟା ହୋଇ ନଥିବା ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିବେ ।

**ଧାରା-୨୬: ଜିଲ୍ଲା ପ୍ରାଧିକରଣର ସଭାପତିଙ୍କ କ୍ଷମତା**

**(Powers of Chairperson of District Authority) :**

(୧) ଜିଲ୍ଲା ପ୍ରାଧିକରଣର ସଭାପତି, ଜିଲ୍ଲା ପ୍ରାଧିକରଣର ବୈଠକଗୁଡ଼ିକରେ ସଭାପତିତ୍ୱ କରିବା ସଙ୍ଗେ ସଙ୍ଗେ ଜିଲ୍ଲା ପ୍ରାଧିକରଣ ତାଙ୍କୁ ଯେପରି ଅଧିକାର ଅର୍ପଣ କରିବେ ସେ ସେପରି ଭାବରେ ଜିଲ୍ଲା ପ୍ରାଧିକରଣର କ୍ଷମତା ପ୍ରୟୋଗ କରିବେ ଏବଂ କାର୍ଯ୍ୟ ସମ୍ପାଦନ କରିବେ ।

(୨) ଜିଲ୍ଲା ପ୍ରାଧିକରଣର ସଭାପତିଙ୍କର, ଜରୁରୀ କାଳୀନ ପରିସ୍ଥିତି କ୍ଷେତ୍ରରେ, ଜିଲ୍ଲା ପ୍ରାଧିକରଣର ସବୁ କିମ୍ବା ଯେ କୌଣସି କ୍ଷମତା ପ୍ରୟୋଗ ନିମନ୍ତେ କ୍ଷମତା ରହିବ, ମାତ୍ର ଏପରି କ୍ଷମତାଗୁଡ଼ିକର ପ୍ରୟୋଗ ଜିଲ୍ଲା ପ୍ରାଧିକରଣର କାର୍ଯ୍ୟୋତ୍ତର ଅନୁସମର୍ଥନ ସାପେକ୍ଷ ହେବ ।

(୩) ଜିଲ୍ଲା ପ୍ରାଧିକରଣ କିମ୍ବା ଜିଲ୍ଲା ପ୍ରାଧିକରଣର ସଭାପତି, ଯେପରି ଏହା କିମ୍ବା ସେ ଉଚିତ ମନେ କରିବେ, କୌଣସି ସାଧାରଣ କିମ୍ବା ବିଶେଷ ଆଦେଶ ଦ୍ୱାରା, ଲିଖିତ ଭାବରେ ଏହାର କିମ୍ବା ତାଙ୍କର ଉପଧାରା(୧) କିମ୍ବା (୨) ଅନ୍ତର୍ଗତ

ଏପରି କ୍ଷମତା ଏବଂ କାର୍ଯ୍ୟ, ଏପରି ସ□ବଳୀ ଏବଂ ସୀମାବନ୍ଧନ ସାପେକ୍ଷରେ ଜିଲ୍ଲା ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଧିକାର-ଅର୍ପଣ କରିବେ ।

**ଧାରା-୨୭: ବୈଠକ (Meetings) :**

ଜିଲ୍ଲା ପ୍ରାଧିକରଣ, ଯେପରି ଏବଂ ଯେତେବେଳେ ଦରକାର ପଡ଼ିବ, ସଭାପତି ଯେପରି ଉଚିତ ମନେ କରିବେ, ସେପରି ସମୟ ଏବଂ ସ୍ଥାନରେ, ବୈଠକରେ ମିଳିତ ହେବେ ।

**ଧାରା-୨୮: ପରାମର୍ଶଦାତା କମିଟି ଏବଂ ଅନ୍ୟାନ୍ୟ କମିଟିଗୁଡ଼ିକର ଗଠନ (Constitution of Advisory Committees and Other Committees) :**

(୧) ଜିଲ୍ଲା ପ୍ରାଧିକରଣ, ଯେପରି ଓ ଯେତେବେଳେ ଆବଶ୍ୟକ ବିବେଚନା କରିବେ, ସେପରି ତାଙ୍କର କାର୍ଯ୍ୟାବଳୀର ଫଳପ୍ରଦ ନିର୍ବାହ ନିମନ୍ତେ, ଏକ କିମ୍ବା ଅଧିକ ପରାମର୍ଶଦାତା କମିଟି ଏବଂ ଅନ୍ୟାନ୍ୟ କମିଟିଗୁଡ଼ିକ ଗଠନ କରିପାରିବେ ।

(୨) ଜିଲ୍ଲା ପ୍ରାଧିକରଣ, ତାଙ୍କ ସଦସ୍ୟମାନଙ୍କ ମଧ୍ୟରୁ ଜଣକୁ ଉପ-ଧାରା(୧)ରେ ସୂଚିତ କମିଟିର ସଭାପତି ରୂପେ ନିଯୁକ୍ତ କରିବେ ।

(୩) ଉପ-ଧାରା(୧) ଅନୁସାରେ ଗଠିତ କୌଣସି କମିଟି କିମ୍ବା ଉପ-କମିଟି ସହିତ ଜଣେ ବିଶେଷଜ୍ଞ ରୂପେ ସଂପୃକ୍ତ କୌଣସି ବ୍ୟକ୍ତିଙ୍କୁ ରାଜ୍ୟ ସରକାର ଯେପରି ଧାର୍ଯ୍ୟ କରିବେ ସେପରି ଭ□ ପ୍ରଦାନ କରାଯିବ ।

**ଧାରା-୨୯: ଜିଲ୍ଲା ପ୍ରାଧିକରଣର ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀବର୍ଗଙ୍କ ନିଯୁକ୍ତି (Appointment of Officers and Other Employees of District Authorities) :**

ଜିଲ୍ଲା ପ୍ରାଧିକରଣର କାର୍ଯ୍ୟାବଳୀର ନିର୍ବାହ ନିମନ୍ତେ ରାଜ୍ୟ ସରକାର ଯେପରି ଆବଶ୍ୟକ ବିବେଚନା କରିବେ, ସେପରି ଭାବରେ ଅଧିକାରୀ, ପରାମର୍ଶଦାତା ଏବଂ ଅନ୍ୟାନ୍ୟ କର୍ମଚାରୀ ଜିଲ୍ଲା ପ୍ରାଧିକରଣଙ୍କୁ ଯୋଗାଇ ଦେବେ ।

**ଧାରା-୩୦: ଜିଲ୍ଲା ପ୍ରାଧିକରଣର କ୍ଷମତା ଓ କାର୍ଯ୍ୟ (Powers and Functions of District Authority) :**

(୧) ଜିଲ୍ଲା ପ୍ରାଧିକରଣ, ବିପର୍ଯ୍ୟୟ ପରିଚାଳନା ଉଦ୍ଦେଶ୍ୟରେ, ଜିଲ୍ଲାର ଯୋଜନାକାରୀ, ସମନ୍ୱୟକାରୀ ଏବଂ କାର୍ଯ୍ୟାନ୍ୱୟନକାରୀ ସଂସ୍ଥା ଭାବରେ କାର୍ଯ୍ୟ କରିବ ଏବଂ ଜାତୀୟ ପ୍ରାଧିକରଣ ଏବଂ ରାଜ୍ୟ ପ୍ରାଧିକରଣଦ୍ୱାରା ଧାର୍ଯ୍ୟ ପଥ-ପ୍ରଦର୍ଶିକା ଅନୁସାରେ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ଉଦ୍ଦେଶ୍ୟରେ ସବୁ ପଦକ୍ଷେପଗୁଡ଼ିକ ଗ୍ରହଣ କରିବ ।

(୨) ଉପ-ଧାରା(୧)ର ବ୍ୟବସ୍ଥାବଳୀର ବ୍ୟାପକତାରେ କୌଣସି ଆ□ନ ଆଣି ଜିଲ୍ଲା ପ୍ରାଧିକରଣ ନିମ୍ନୋକ୍ତ କାର୍ଯ୍ୟ କରିବ :–

(i) ଜିଲ୍ଲାପାଇଁ, ଜିଲ୍ଲା ମୁକାବିଲା ଯୋଜନା ସମେତ ଏକ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବ;

(ii) ଜାତୀୟ ନୀତି, ରାଜ୍ୟ ନୀତି, ଜାତୀୟ ଯୋଜନା, ରାଜ୍ୟ ଯୋଜନା ଏବଂ ଜିଲ୍ଲା ଯୋଜନାର କାର୍ଯ୍ୟାନ୍ୱୟନକୁ ସମନ୍ୱୟ ଏବଂ ପର୍ଯ୍ୟାଲୋଚନା କରିବ;

(iii) ସୁନିଶ୍ଚିତ କରିବ ଯେ ଜିଲ୍ଲାରେ ବିପର୍ଯ୍ୟୟ ଭେଦ୍ୟ ଅ□ଳଗୁଡ଼ିକୁ ଚିହ୍ନଟ କରାଯାଇଛି ଏବଂ ଜିଲ୍ଲା ସ୍ତରରେ ସରକାରଙ୍କ ବିଭାଗଗୁଡ଼ିକଦ୍ୱାରା ତଥା ସ୍ଥାନୀୟ ପ୍ରାଧିକରଣଗୁଡ଼ିକଦ୍ୱାରା ବିପର୍ଯ୍ୟୟଗୁଡ଼ିକର ନିବାରଣ ଏବଂ ତାହାର ପ୍ରଭାବ ପ୍ରଶମନ ନିମନ୍ତେ ପଦକ୍ଷେପଗୁଡ଼ିକ ଗ୍ରହଣ କରାଯାଇଛି ।

(iv) ସୁନିଶ୍ଚିତ କରିବ ଯେ ଜାତୀୟ ପ୍ରାଧିକରଣ ଏବଂ ରାଜ୍ୟ ପ୍ରାଧିକରଣ ଦ୍ୱାରା, ବିପର୍ଯ୍ୟୟଗୁଡ଼ିକର ନିବାରଣ, ସେଗୁଡ଼ିକର ପ୍ରଭାବ ପ୍ରଶମନ, ପ୍ରସ୍ତୁତିକରଣ ଏବଂ ମୁକାବିଲା ପଦକ୍ଷେପଗୁଡ଼ିକ ନିମନ୍ତେ ଧାର୍ଯ୍ୟ ପଥ-ପ୍ରଦର୍ଶିକାଗୁଡ଼ିକ, ଜିଲ୍ଲା ସ୍ତରରେ ସରକାରଙ୍କର ସବୁ ବିଭାଗ ଏବଂ ସ୍ଥାନୀୟ ପ୍ରାଧିକରଣଗୁଡ଼ିକଦ୍ୱାରା ଅନୁସୃତ ହୋଇଛି ।

(v) ଯେପରି ଦରକାର ପଡ଼ିବ ସେପରି ବିପର୍ଯ୍ୟୟଗୁଡ଼ିକର ନିବାରଣ ଏବଂ ପ୍ରଶମନ ପାଇଁ ଏପରି ଅନ୍ୟାନ୍ୟ ପଦକ୍ଷେପସବୁ ଗ୍ରହଣ କରିବା ନିମନ୍ତେ ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରାଧିକାରୀ ଏବଂ ଜିଲ୍ଲାର ଅସ୍ଥାନୀୟ ପ୍ରାଧିକରଣଗୁଡ଼ିକୁ ନିର୍ଦ୍ଦେଶ ପ୍ରଦାନ କରିବ ।

(vi) ଜିଲ୍ଲା ସ୍ତରରେ ସରକାରଙ୍କ ବିଭାଗଦ୍ୱାରା ଏବଂ ଜିଲ୍ଲାର ସ୍ଥାନୀୟ ପ୍ରାଧିକାରୀଙ୍କଦ୍ୱାରା ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରସ୍ତୁତିକରଣ ନିମନ୍ତେ, ପଥ-ପ୍ରଦର୍ଶିକା ନିର୍ଦ୍ଧାରଣ କରିବ ।

(vii) ଜିଲ୍ଲା ସ୍ତରରେ, ସରକାରଙ୍କ ବିଭାଗଗୁଡ଼ିକଦ୍ୱାରା ପ୍ରସ୍ତୁତ, ବିପର୍ଯ୍ୟୟ ପରିଚାଳନା ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନକୁ ପର୍ଯ୍ୟାଲୋଚନା କରିବ ।

(viii) ସେମାନଙ୍କର ଉନ୍ନୟନମୂଳକ ଯୋଜନା ଏବଂ ପ୍ରକଳ୍ପରେ, ବିପର୍ଯ୍ୟୟର ନିବାରଣ ଏବଂ ପ୍ରଶମନ ନିମନ୍ତେ ପଦକ୍ଷେପଗୁଡ଼ିକୁ ସମନ୍ୱିତ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରରେ ସରକାରଙ୍କ ବିଭାଗଗୁଡ଼ିକଦ୍ୱାରା ଅନୁସୃତ ହେବାକୁ ଥିବା ପଥ-ପ୍ରଦର୍ଶିକା ନିର୍ଦ୍ଧାରଣ କରିବେ ଏବଂ ସେଥିନିମନ୍ତେ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦେବେ ।

(ix) ଖଣ୍ଡ(୮)ରେ ସୂଚିତ ପଦକ୍ଷେପଗୁଡ଼ିକର କାର୍ଯ୍ୟାନ୍ୱୟନ କରିବେ ।

(x) ଜିଲ୍ଲାରେ କୌଣସି ବିପର୍ଯ୍ୟୟ କିମ୍ବା ବିପର୍ଯ୍ୟୟର ଭୟାବହ ପରିସ୍ଥିତିର ମୁକାବିଲା କ୍ଷମତା ପୁନର୍ବିଲୋକନ କରିପାରିବେ ଏବଂ ତାହାର ଉନ୍ନୟନ ନିମନ୍ତେ ଜିଲ୍ଲା ସ୍ତର ସହିତ ସମ୍ବନ୍ଧିତ ବିଭାଗଗୁଡ଼ିକୁ କିମ୍ବା ପ୍ରାଧିକରଣଗୁଡ଼ିକୁ ଯେପରି ଆବଶ୍ୟକ ସେପରି ନିର୍ଦ୍ଦେଶ ଦେଇପାରିବେ ।

(xi) ପ୍ରସ୍ତୁତିକରଣ ପଦକ୍ଷେପଗୁଡ଼ିକୁ ପୁନର୍ବିଲୋକନ କରିବେ ଏବଂ ଜିଲ୍ଲା ସ୍ତରରେ ସମ୍ବନ୍ଧିତ ବିଭାଗଗୁଡ଼ିକୁ କିମ୍ବା ଅନ୍ୟାନ୍ୟ ସମ୍ବନ୍ଧିତ ପ୍ରାଧିକାରୀମାନଙ୍କୁ, କୌଣସି ବିପର୍ଯ୍ୟୟ କିମ୍ବା ଭୟାବହ ବିପର୍ଯ୍ୟୟ ପରିସ୍ଥିତିକୁ ଫଳପ୍ରଦ ଭାବେ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତିକରଣକୁ ଅପେକ୍ଷିତ ସ୍ତର ପର୍ଯ୍ୟନ୍ତ ଆଣିବାପାଇଁ ଆବଶ୍ୟକସ୍ଥଳେ ନିର୍ଦ୍ଦେଶ ଦେଇପାରିବେ ।

(xii) ଜିଲ୍ଲାର ବିଭିନ୍ନ ସ୍ତରରେ ଥିବା ଅଧିକାରୀ, କର୍ମଚାରୀବର୍ଗ ଏବଂ ଜିଲ୍ଲାର ସ୍ୱେଚ୍ଛାସେବୀ ଉଦ୍ଧାରକାରୀ କର୍ମୀମାନଙ୍କ ନିମନ୍ତେ ବିଶେଷିତ ତାଲିମ କାର୍ଯ୍ୟକ୍ରମଗୁଡ଼ିକୁ ଆୟୋଜିତ କରିପାରିବେ ଏବଂ ସେଗୁଡ଼ିକର ସମନ୍ୱୟନ କରିପାରିବେ ।

(xiii) ସ୍ଥାନୀୟ ପ୍ରାଧିକାରୀ, ସରକାରୀ ଏବଂ ବେସରକାରୀ ଅନୁଷ୍ଠାନର ସମର୍ଥନ ସହିତ, ବିପର୍ଯ୍ୟୟର ନିବାରଣ କିମ୍ବା ପ୍ରଶମନ ନିମନ୍ତେ ଗୋଷ୍ଠୀ ତାଲିମ ଏବଂ ସଚେତନତା କାର୍ଯ୍ୟକ୍ରମକୁ ସୁବିଧା କରିବେ ।

(xiv) ସର୍ବସାଧାରଣଙ୍କୁ ପୂର୍ବ ଚେତାବନୀ ଏବଂ ଉପଯୁକ୍ତ ସୂଚନା ପ୍ରଦାନ ନିମନ୍ତେ ଯାନ୍ତ୍ରିକ ବ୍ୟବସ୍ଥାର ସ୍ଥାପନା କରିପାରିବେ, ତାହାର ରକ୍ଷଣାବେକ୍ଷଣ କରିପାରିବେ, ପୁନର୍ବିଲୋକନ ଏବଂ ଉନ୍ନୟନ କରିପାରିବେ ।

(xv) ଜିଲ୍ଲାସ୍ତରୀୟ ମୁକାବିଲା ଯୋଜନା ଏବଂ ପଥ-ପ୍ରଦର୍ଶିକାଗୁଡ଼ିକର ପ୍ରସ୍ତୁତି, ପୁନର୍ବିଲୋକନ ଏବଂ ଉନ୍ନୟନ କରିପାରିବେ ।

(xvi) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି ଏବଂ ବିପର୍ଯ୍ୟୟ ମୁକାବିଲାକୁ ସମନ୍ୱିତ କରିବେ ।

(xvii) ସୁନିଶ୍ଚିତ କରିବେ ଯେ ଜିଲ୍ଲାସ୍ତରୀୟ ସରକାରୀ ବିଭାଗଗୁଡ଼ିକ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷମାନେ ଜିଲ୍ଲା ମୁକାବିଲା ଯୋଜନା ଅନୁସାରେ ସେମାନଙ୍କର ମୁକାବିଲା ଯୋଜନାଗୁଡ଼ିକୁ ପ୍ରସ୍ତୁତ କରିଛନ୍ତି ।

(xviii) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟକୁ ପ୍ରଭାବଶାଳୀ ଭାବେ ମୁକାବିଲା କରିବା ନିମନ୍ତେ ପଦକ୍ଷେପ ଗ୍ରହଣପାଇଁ ଜିଲ୍ଲାସ୍ତରୀୟ ସରକାରଙ୍କ ସଂପୃକ୍ତ ବିଭାଗ ଓ ଜିଲ୍ଲାର ସୀମାବନ୍ଧନ ମଧ୍ୟରେ ଥିବା ଅନ୍ୟାନ୍ୟ କର୍ତ୍ତୃପକ୍ଷମାନଙ୍କ ନିମିତ୍ତ ପଥ-ପ୍ରଦର୍ଶିକା ନିର୍ଦ୍ଧାରଣ କରିବେ କିମ୍ବା ସେମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିପାରିବେ ।

(xix) ଜିଲ୍ଲାସ୍ତରୀୟ ସରକାରୀ ବିଭାଗଗୁଡ଼ିକୁ, ବୈଧ ନିକାୟଗୁଡ଼ିକୁ ଏବଂ ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନାରେ ନିୟୋଜିତ ସରକାରୀ ଏବଂ ବେସରକାରୀ ସଂଗଠନଗୁଡ଼ିକୁ ପରାମର୍ଶ ଦେଇପାରିବେ, ସେମାନଙ୍କୁ ସହାୟତା ପ୍ରଦାନ କରିପାରିବେ ଏବଂ ସେମାନଙ୍କର କାର୍ଯ୍ୟକଳାପର ସମନ୍ୱୟନ କରିପାରିବେ ।

(xx) ଏହା ସୁନିଶ୍ଚିତ କରିବାପାଇଁ ଜିଲ୍ଲାରେ ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ନିବାରଣ କିମ୍ବା ତାହାର ପ୍ରଶମନ ନିମନ୍ତେ ତତ୍ପରତାର ସହିତ ପ୍ରଭାବଶୀଳ ପଦକ୍ଷେପସବୁ ଗ୍ରହଣ କରାଯାଉଛି, ଜିଲ୍ଲାର ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ସହିତ ସମନ୍ୱୟନ କରିପାରିବେ ଏବଂ ସେମାନଙ୍କୁ ମାର୍ଗ ନିର୍ଦ୍ଦେଶ ଦେଇପାରିବେ ।

(xxi) ଜିଲ୍ଲାରେ ସ୍ଥାନୀୟ ପ୍ରାଧିକାରୀମାନଙ୍କୁ, ସେମାନଙ୍କର କାର୍ଯ୍ୟ ପରିଚାଳନା ନିମନ୍ତେ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦେବେ କିମ୍ବା ପରାମର୍ଶ ପ୍ରଦାନ କରିପାରିବେ ।

(xxii) ଜିଲ୍ଲାସ୍ତରୀୟ ସରକାରୀ ବିଭାଗ, ବୈଧ ପ୍ରାଧିକରଣ କିମ୍ବା ସ୍ଥାନୀୟ ପ୍ରାଧିକରଣଗୁଡ଼ିକଦ୍ୱାରା ବିପର୍ଯ୍ୟୟ ନିବାରଣ କିମ୍ବା ତାହାର ପ୍ରଶମନ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଉନ୍ନୟନମୂଳକ ଯୋଜନାରେ ଆବଶ୍ୟକ ପଦକ୍ଷେପଗୁଡ଼ିକୁ ଦୃଷ୍ଟିରେ ରଖି ସେଗୁଡ଼ିକର ପୁନର୍ବିଲୋକନ କରିପାରିବେ ।

(xxiii) ଜିଲ୍ଲାରେ ଯେକୌଣସି ଅଞ୍ଚଳର ନିର୍ମାଣକୁ ପରୀକ୍ଷା କରିବେ ଏବଂ ଯଦି ସେ ମତପୋଷଣ କରିବେ ଯେ ଏପରି ନିର୍ମାଣ ନିମନ୍ତେ ବିପର୍ଯ୍ୟୟ ନିବାରଣ କିମ୍ବା ପ୍ରଶମନ ପାଇଁ ଧାର୍ଯ୍ୟ ମାନକ ଅନୁସାରେ ହୋଇନାହିଁ କିମ୍ବା ଅନୁସରଣ କରାଯାଉନାହିଁ, ତେବେ ଏପରି ମାନକର ଅନୁପାଳନକୁ ସୁନିଶ୍ଚିତ କରିବାପାଇଁ ଯେପରି ଆବଶ୍ୟକ ସେପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସଂପୃକ୍ତ ପ୍ରାଧିକାରୀଙ୍କୁ ନିର୍ଦ୍ଦେଶ ଦେବେ ।

(xxiv) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ଘଟଣାକ୍ରମେ ସାହାଯ୍ୟ-କେନ୍ଦ୍ର କିମ୍ବା ଶିବିର ରୂପେ ବ୍ୟବହୃତ ହୋଇପାରିବା ଅଟ୍ଟାଳିକା କିମ୍ବା ସ୍ଥାନଗୁଡ଼ିକୁ ଚିହ୍ନଟ କରିବେ ଏବଂ ଏପରି ଅଟ୍ଟାଳିକା କିମ୍ବା ସ୍ଥାନଗୁଡ଼ିକରେ ଜଳଯୋଗାଣ ଏବଂ ସଫେଇର ବ୍ୟବସ୍ଥା କରିବେ ।

(xxv) ସାହାଯ୍ୟ ଓ ଉଦ୍ଧାର ସାମଗ୍ରୀର ମହଜୁଦ ସ୍ତୂପ ସ୍ଥାପନ କରିବେ କିମ୍ବା ସ୍ୱଳ୍ପକାଳୀନ ସୂଚନାରେ ଏପରି ସାମଗ୍ରୀ ଉପଲବ୍ଧ କରିବା ନିମନ୍ତେ ପ୍ରସ୍ତୁତିକରଣକୁ ସୁନିଶ୍ଚିତ କରିବେ ।

(xxvi) ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ସମ୍ବନ୍ଧୀୟ ସୂଚନା ରାଜ୍ୟ ପ୍ରାଧିକରଣକୁ ଯୋଗାଇ ଦେବେ ।

(xxvii) ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲାର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା ଏବଂ ସ୍ୱେଚ୍ଛାସେବୀ ସମାଜ-ମଙ୍ଗଳ ଅନୁଷ୍ଠାନଗୁଡ଼ିକର ସାମିଲକୁ ପ୍ରୋତ୍ସାହିତ କରିବେ ।

(xxviii) ଏହା ସୁନିଶ୍ଚିତ କରିବେ ଯେ ସଂସୂଚନା ପ୍ରଣାଳୀ ଠିକ୍ ଅଛି ଏବଂ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାଳିକ ଭାବରେ ପାଳନ କରାଯାଉଛି ।

(xxix) ଜିଲ୍ଲାରେ ବିପର୍ଯ୍ୟୟ ପରିଚାଳନା ପାଇଁ ଯେପରି ଆବଶ୍ୟକ ମନେ ହେବ ସେପରି କିମ୍ବା ତାଙ୍କୁ ରାଜ୍ୟ ସରକାର କିମ୍ବା ରାଜ୍ୟ ପ୍ରାଧିକରଣ ଯେପରି ଅର୍ପଣ କରିବେ ସେପରି ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବେ ।

**ଧାରା-୩୧: ଜିଲ୍ଲା ଯୋଜନା (District Plan) :**

(୧) ରାଜ୍ୟର ପ୍ରତ୍ୟେକ ଜିଲ୍ଲାପାଇଁ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଏକ ଯୋଜନା ରହିବ ।

(୨) ସ୍ଥାନୀୟ କର୍ତ୍ତୃପକ୍ଷମାନଙ୍କ ସହିତ ପରାମର୍ଶ କରିବା ପରେ ଏବଂ ଜାତୀୟ ଯୋଜନା ଓ ରାଜ୍ୟ ଯୋଜନାକୁ ଧ୍ୟାନରେ ରଖି ଜିଲ୍ଲା ପ୍ରାଧିକରଣଦ୍ୱାରା ଜିଲ୍ଲା ଯୋଜନା ପ୍ରସ୍ତୁତ କରାଯିବ ଯାହାକି ରାଜ୍ୟ ପ୍ରାଧିକରଣଦ୍ୱାରା ଅନୁମୋଦିତ ହେବ ।

(୩) ଜିଲ୍ଲା ଯୋଜନା ନିମ୍ନୋକ୍ତ ବିଷୟଗୁଡ଼ିକୁ ଅନ୍ତର୍ଭୁକ୍ତ କରିବ ।

(କ) ଜିଲ୍ଲାର ଏପରି ଅଞ୍ଚଳ ଯାହାକି ବିଭିନ୍ନ ପ୍ରରୂପର ବିପର୍ଯ୍ୟୟଗୁଡ଼ିକ ପ୍ରତି ସମ୍ବେଦନଶୀଳ ।

(ଖ) ଜିଲ୍ଲାସ୍ତରୀୟ ସରକାରୀ ବିଭାଗ ଏବଂ ଜିଲ୍ଲାର ସ୍ଥାନୀୟ ପ୍ରାଧିକରଣଗୁଡ଼ିକଦ୍ୱାରା ବିପର୍ଯ୍ୟୟ ନିବାରଣ ଓ ପ୍ରଶମନ ନିମନ୍ତେ କରାଯିବାକୁ ଉଦ୍ଦିଷ୍ଟ ପଦକ୍ଷେପସବୁ ।

(ଗ) ଜିଲ୍ଲାସ୍ତରରେ ସରକାରଙ୍କ ବିଭାଗଗୁଡ଼ିକ ଏବଂ ଜିଲ୍ଲାର ସ୍ଥାନୀୟ କର୍ତ୍ତୃପକ୍ଷଗୁଡ଼ିକଦ୍ୱାରା ବିପର୍ଯ୍ୟୟର ନିବାରଣ ଏବଂ ପ୍ରଶମନ ନିମନ୍ତେ ଗୃହୀତ ହେବାକୁ ଉଦ୍ଦିଷ୍ଟ ପଦକ୍ଷେପସବୁ ।

(ଘ) କୌଣସି ବିପର୍ଯ୍ୟୟ ଘଟଣାକ୍ରମେ ମୁକାବିଲା ଯୋଜନା ଏବଂ ପ୍ରକ୍ରିୟାବିଧି ଯାହାକି ନିମ୍ନୋକ୍ତ ବିଷୟର ବ୍ୟବସ୍ଥା କରିଥାଏ :–

(i) ଜିଲ୍ଲାସ୍ତରୀୟ ବିଭାଗଗୁଡ଼ିକ ଏବଂ ଜିଲ୍ଲାର ପ୍ରାଧିକରଣଗୁଡ଼ିକ ମଧ୍ୟରେ ଦାୟିତ୍ୱ ଆବଣ୍ଟନ;

(ii) ବିପର୍ଯ୍ୟୟର ତୁରନ୍ତ ମୁକାବିଲା ଏବଂ ସେଥିନିମନ୍ତେ ସାହାଯ୍ୟ;

(iii) ଅତ୍ୟାବଶ୍ୟକ ସମ୍ବଳ ସଂଗ୍ରହ;

(iv) ଯୋଗାଯୋଗ ସମ୍ପର୍କର ସ୍ଥାପନା; ଏବଂ

(v) ଜନସାଧାରଣଙ୍କ ମଧ୍ୟରେ ସୂଚନାର ସଂପ୍ରସାରଣ;

(ଙ) ଏପରି ଅନ୍ୟାନ୍ୟ ବିଷୟ ଯାହା ରାଜ୍ୟ ପ୍ରାଧିକରଣଦ୍ୱାରା ଅବଶ୍ୟକ ପଡ଼ିବ ।

(୪) ଉପଧାରା(୨) ଏବଂ (୫)ରେ ସୂଚିତ ଜିଲ୍ଲା ଯୋଜନାର ନକଲ ଜିଲ୍ଲାରେ ଥିବା ସରକାରୀ ବିଭାଗଗୁଡ଼ିକୁ ଉପଲବ୍ଧ କରାଯିବ ।

(୫) ଜିଲ୍ଲା ପ୍ରାଧିକରଣ, ଜିଲ୍ଲା ଯୋଜନାର ଏକ ନକଲ, ରାଜ୍ୟ ପ୍ରାଧିକରଣକୁ ପ୍ରେରଣ କରିବେ, ଯିଏକି ଏହାକୁ ରାଜ୍ୟ ସରକାରଙ୍କୁ ପ୍ରେରଣ କରିବେ ।

(୬) ଜିଲ୍ଲା ପ୍ରାଧିକରଣ ଯୋଜନାର କାର୍ଯ୍ୟାନ୍ୱୟନକୁ ସମୟକୁ ସମୟ ପୁନର୍ବିଲୋକନ କରିବେ ଏବଂ ଯେପରି ଉଚିତ ମନେ କରିବେ ସେପରି ତହିଁର କାର୍ଯ୍ୟାନ୍ୱୟନ ନିମନ୍ତେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗଗୁଡ଼ିକୁ ଏପରି ନିର୍ଦ୍ଦେଶାବଳୀ ଜାରି କରିବେ ।

**ଧାରା-୩୨: ବିଭିନ୍ନ ପ୍ରାଧିକରଣଗୁଡ଼ିକଦ୍ୱାରା ଜିଲ୍ଲାସ୍ତରୀୟ ଯୋଜନା ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ (Plans by Different Authorities at District Level and Their Implementation) :**

ଭାରତ ସରକାର ଏବଂ ରାଜ୍ୟ ସରକାର ଜିଲ୍ଲାସ୍ତରୀୟ ପ୍ରତ୍ୟେକ କାର୍ଯ୍ୟାଳୟ, ଜିଲ୍ଲା ପ୍ରାଧିକରଣଙ୍କ ପର୍ଯ୍ୟବେକ୍ଷଣ ସାପେକ୍ଷରେ ନିମ୍ନୋକ୍ତ କାର୍ଯ୍ୟ କରିବେ :–

(କ) ନିମ୍ନ ବିଷୟଗୁଡ଼ିକର ଆଧାରରେ ଏକ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବେ –

(i) ଜିଲ୍ଲା ଯୋଜନାରେ ଏବଂ ସଂପୃକ୍ତ ବିଭାଗ କିମ୍ବା ଅଭିକରଣ ପ୍ରତି ଅର୍ପିତ ବ୍ୟବସ୍ଥା ମୁତାବକ ନିବାରଣ ଏବଂ ପ୍ରଶମନ ପଦକ୍ଷେପ ବ୍ୟବସ୍ଥାବଳୀ ।

(ii) ଜିଲ୍ଲା ଯୋଜନାରେ ଯେପରି ଧାର୍ଯ୍ୟ କରାଯାଇଥିବ ସେପରିଭାବେ କ୍ଷମତା-ନିର୍ମାଣ ଏବଂ ପ୍ରସ୍ତୁତିକରଣ ସମ୍ବନ୍ଧୀୟ ପଦକ୍ଷେପ ଗ୍ରହଣପାଇଁ ବ୍ୟବସ୍ଥାବଳୀ ।

(iii) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ଘଟଣା କ୍ରମେ ମୁକାବିଲା ଯୋଜନା ଏବଂ କ୍ରିୟାବିଧି ।

(ଖ) ସ୍ଥାନୀୟ କର୍ତ୍ତୃପକ୍ଷ, ଗୋଷ୍ଠୀ ସମୁଦାୟ ଏବଂ ଅନ୍ୟ ପଣଧାରୀ ସମୁଦାୟଙ୍କ ସମେତ ଜିଲ୍ଲାସ୍ତରୀୟ ଅନ୍ୟାନ୍ୟ ସଙ୍ଗଠନଗୁଡ଼ିକ ସହିତ ତାଙ୍କ ଯୋଜନାର ପ୍ରସ୍ତୁତି ଏବଂ କାର୍ଯ୍ୟାନ୍ୱୟନକୁ ସମନ୍ୱୟନ କରିବେ ।

(ଗ) ଯୋଜନାକୁ ନିୟମିତ ରୂପେ ପୁନର୍ବିଲୋକନ ଏବଂ ଅଦ୍ୟତନ କରିବେ, ଏବଂ

(ଘ) ଜିଲ୍ଲା ପ୍ରାଧିକରଣଙ୍କ ନିକଟରେ ବିପର୍ଯ୍ୟୟ ପରିଚାଳନା ଯୋଜନାର ଏକ ନକଲ ଏବଂ ତତ୍ ସଂକ୍ରାନ୍ତୀୟ କୌଣସି ସଂଶୋଧନର ନକଲ ଦାଖଲ କରିବେ ।

**ଧାରା-୩୩: ଜିଲ୍ଲା ପ୍ରାଧିକରଣଦ୍ୱାରା ବରାଦ**

**(Requisition by the District Authority) :**

ଜିଲ୍ଲା ପ୍ରାଧିକରଣ ଆଦେଶଦ୍ୱାରା, ଜିଲ୍ଲାସ୍ତରୀୟ କୌଣସି ଅଧିକାରୀ କିମ୍ବା ବିଭାଗକୁ କିମ୍ବା କୌଣସି ସ୍ଥାନୀୟ କର୍ତ୍ତୃପକ୍ଷକୁ, ବିପର୍ଯ୍ୟୟ ନିବାରଣ କିମ୍ବା ପ୍ରଶମନ ନିମନ୍ତେ ଏପରି ପଦକ୍ଷେପ ଗ୍ରହଣ କରିବାପାଇଁ କିମ୍ବା ଫଳପ୍ରଦ ଭାବରେ ତାକୁ ମୁକାବିଲା କରିବାପାଇଁ, ବରାଦ କରିପାରିବେ ଏବଂ ଏପରି ଅଧିକାରୀ କିମ୍ବା ବିଭାଗ ଏପରି ଆଦେଶ ପାଳନ କରିବାପାଇଁ ବାଧ୍ୟ ହେବେ ।

**ଧାରା-୩୪: କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ୱା ବିପର୍ଯ୍ୟୟ ଘଟଣାକ୍ରମେ ଜିଲ୍ଲା ପ୍ରାଧିକରଣର କ୍ଷମତା ଏବଂ କାର୍ଯ୍ୟ (Powers and Functions of District Authority in the Event of Any Threatening Disaster Situation or Disaster) :**

କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ୱା ବିପର୍ଯ୍ୟୟର ମୁକାବିଲାରେ ଗୋଷ୍ଠୀକୁ ସହାୟତା, ସୁରକ୍ଷା କିମ୍ୱା ସାହାଯ୍ୟ ଯୋଗାଣ ଉଦ୍ଦେଶ୍ୟରେ ଜିଲ୍ଲା ପ୍ରାଧିକରଣ ନିମ୍ନୋକ୍ତ କାର୍ଯ୍ୟ କରିବେ :

(କ) ଜିଲ୍ଲାରେ କୌଣସି ସରକାରୀ ବିଭାଗ କିମ୍ୱା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଉପଲବ୍ଧ ସମ୍ବଳର ଖଲାସ ଏବଂ ବିନିଯୋଗ ଉଦ୍ଦେଶ୍ୟରେ ନିର୍ଦ୍ଦେଶ ପ୍ରଦାନ କରିବେ ।

(ଖ) ସମ୍ବେଦନଶୀଳ କିମ୍ୱା ପ୍ରଭାବିତ ଅଞ୍ଚଳକୁ, ଅଞ୍ଚଳରୁ ଏବଂ ଅଞ୍ଚଳ ଭିତରେ ଯାନବାହନ ଯାତାୟତ ଉପରେ ନିୟନ୍ତ୍ରଣ ଏବଂ କଟକଣା ଜାରି କରିବେ ।

(ଗ) ଏକ ସମ୍ବେଦନଶୀଳ କିମ୍ୱା ପ୍ରଭାବିତ ଅଞ୍ଚଳ ଭିତରକୁ କୌଣସି ବ୍ୟକ୍ତିଙ୍କ ପ୍ରବେଶ, ତାହା ଭିତରେ ତାଙ୍କର ଚଳାଚଳ ଏବଂ ତା' ଭିତରୁ ତାଙ୍କର ପ୍ରସ୍ଥାନ ଉପରେ ନିୟନ୍ତ୍ରଣ ଏବଂ କଟକଣା ଜାରି କରିବେ ।

(ଘ) ଆବର୍ଜନା ଅପସାରଣ, ଅନ୍ୱେଷଣ ପରିଚାଳନା ଏବଂ ଉଦ୍ଧାର କାର୍ଯ୍ୟ ପରିଚାଳନା କରିବେ ।

(ଙ) ଆଶ୍ରୟ, ଖାଦ୍ୟ, ପାନୀୟ ଜଳ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ, ସ୍ୱାସ୍ଥ୍ୟ ଯତ୍ନ ଓ ସେବା ଉପଲବ୍ଧ କରିବେ ।

(ଚ) ପ୍ରଭାବିତ ଅଞ୍ଚଳରେ, ଜରୁରୀ କାଳୀନ ସଂଚାର ବ୍ୟବସ୍ଥାର ସ୍ଥାପନା କରିବେ ।

(ଛ) ଦାବିହୀନ ମୃତ ଶରୀରଗୁଡ଼ିକର ନିକାଶପାଇଁ ବ୍ୟବସ୍ଥା କରିବେ ।

(ଜ) ତାଙ୍କ ମତରେ ଯେପରି ଆବଶ୍ୟକ ହେବ ସେପରି ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲା ସ୍ତରରେ ଥିବା ରାଜ୍ୟ ସରକାରଙ୍କ କୌଣସି ବିଭାଗ କିମ୍ୱା ସେହି ସରକାରଙ୍କ ଅଧୀନରେ ଥିବା କୌଣସି ପ୍ରାଧିକାରୀ କିମ୍ୱା କୌଣସି ସଂଗଠନକୁ ସୁପାରିଶ କରିବେ ।

(ଝ) ଯେପରି ସେ ଉଚିତ ବିବେଚନା କରିବେ ସେପରି ସମ୍ବନ୍ଧିତ କ୍ଷେତ୍ରର ବିଶେଷଜ୍ଞ ଏବଂ ପରାମର୍ଶଦାତାଙ୍କୁ ଉପଦେଶ ଏବଂ ସହାୟତା ପ୍ରଦାନ କରିବାପାଇଁ ଆବଶ୍ୟକ କରିବେ ।

(ଞ) କୌଣସି ପ୍ରାଧିକାରୀ କିମ୍ବା ବ୍ୟକ୍ତିଙ୍କଠାରୁ ଏକାନ୍ତଭାବେ କିମ୍ବା ଅଧିମାନ୍ୟ ବ୍ୟବହାର ନିମନ୍ତେ ସୁଖଦାୟକ ବସ୍ତୁ ସଂଗ୍ରହ କରିବେ ।

(ଟ) ଅସ୍ଥାୟୀ ପୋଲ କିମ୍ବା ଅନ୍ୟାନ୍ୟ ଆବଶ୍ୟକ ସଂରଚନା ନିର୍ମାଣ କରିବେ ଏବଂ ସର୍ବସାଧାରଣଙ୍କ ପ୍ରତି ବିପଦସଙ୍କୁଳ ବିବେଚିତ କିମ୍ବା ବିପର୍ଯ୍ୟୟର ପ୍ରଭାବ ବୃଦ୍ଧିକାରୀ ନିର୍ମାଣଗୁଡ଼ିକୁ ଭୂମିସାତ୍ କରିଦେବେ ।

(ଠ) ସୁନିଶ୍ଚିତ କରିବେ ଯେ ବେସରକାରୀ ସଂଗଠନଗୁଡ଼ିକ ସେମାନଙ୍କର କାର୍ଯ୍ୟକଳାପକୁ ସମାନତାର ସହିତ ବିନା-ପକ୍ଷପାତରେ ପାଳନ କରୁଛନ୍ତି ।

(ଡ) ଏପରି ପରିସ୍ଥିତିରେ ଗ୍ରହଣ କରାଯିବାକୁ ଆବଶ୍ୟକ ଏବଂ ନିର୍ଭରଶୀଳ ଏପରି ଅନ୍ୟାନ୍ୟ ପଦକ୍ଷେପମାନ ଗ୍ରହଣ କରିବେ ।

•

### ପ□ମ ଅଧ୍ୟାୟ

### (Chapter - V)

# ବିପର୍ଯ୍ୟୟ ପରିଚାଳନା ନିମନ୍ତେ ସରକାରଙ୍କ ଦ୍ୱାରା ପଦକ୍ଷେପ

### (MEASURES BY GOVERNMENT FOR DISASTER MANAGEMENT)

**ଧାରା-୩୫: କେନ୍ଦ୍ର ସରକାରଙ୍କଦ୍ୱାରା ଗ୍ରହଣ କରାଯିବାକୁ ଉଦ୍ଦିଷ୍ଟ ପଦକ୍ଷେପମାନ (Central Government to Take Measures) :**

(୧) ଏହି ଅଧିନିୟମର ବ୍ୟବସ୍ଥାବଳୀ ସାପେକ୍ଷରେ, କେନ୍ଦ୍ର ସରକାର, ବିପର୍ଯ୍ୟୟ ପରିଚାଳନା ଉଦ୍ଦେଶ୍ୟରେ, ଯାହାସବୁ ଆବଶ୍ୟକ କିମ୍ବା ସମୟୋଚିତ ମନେ କରିବେ, ଏପରି ସବୁ ପଦକ୍ଷେପମାନ ଗ୍ରହଣ କରିବେ ।

(୨) ନିର୍ଦ୍ଦିଷ୍ଟ ଭାବରେ ଏବଂ ଉପଧାରା(୧)ର ବ୍ୟବସ୍ଥାବଳୀର ବ୍ୟାପକତାରେ କୌଣସି ଆ□ ନ ଆଣି, କେନ୍ଦ୍ର ସରକାର ସେହି ଉପଧାରା ଅନୁସାରେ ଯେଉଁ ପଦକ୍ଷେପମାନ ଗ୍ରହଣ କରିବେ, ତାହା ନିମ୍ନୋକ୍ତ ବିଷୟଗୁଡ଼ିକ ମଧ୍ୟରୁ ସବୁ କିମ୍ବା କୌଣସି ଗୋଟିଏ ବିଷୟର ପଦକ୍ଷେପକୁ ଅନ୍ତର୍ଭୁକ୍ତ କରିବେ, ଯଥା :-

(କ) ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ ଭାରତ ସରକାରଙ୍କ ମନ୍ତ୍ରଣାଳୟଗୁଡ଼ିକ କିମ୍ବା ବିଭାଗଗୁଡ଼ିକ, ରାଜ୍ୟ ସରକାରଗୁଡ଼ିକ, ଜାତୀୟ ପ୍ରାଧିକରଣ, ସରକାରୀ ଏବଂ ବେସରକାରୀ ସଂଗଠନଗୁଡ଼ିକର କାର୍ଯ୍ୟକଳାପକୁ ସମନ୍ୱିତ କରିବେ ।

(ଖ) ସେମାନଙ୍କର ଉନ୍ନୟନମୂଳକ ଯୋଜନା ଏବଂ ପରିକଳ୍ପନାଗୁଡ଼ିକରେ ଭାରତ ସରକାରଙ୍କ ମନ୍ତ୍ରଣାଳୟଗୁଡ଼ିକ କିମ୍ବା ବିଭାଗଗୁଡ଼ିକ ଦ୍ୱାରା ବିପର୍ଯ୍ୟୟର ନିବାରଣ ଏବଂ ପ୍ରଶମନ ନିମନ୍ତେ ପଦକ୍ଷେପଗୁଡ଼ିକର ଏକୀକରଣକୁ ସୁନିଶ୍ଚିତ କରିବେ ।

(ଗ) ଭାରତ ସରକାରଙ୍କ ମନ୍ତ୍ରଣାଳୟଗୁଡ଼ିକ କିମ୍ବା ବିଭାଗଗୁଡ଼ିକଦ୍ୱାରା ବିପର୍ଯ୍ୟୟ ନିବାରଣ, ପ୍ରଶମନ, କ୍ଷମତା ନିର୍ମାଣ ଏବଂ ପ୍ରସ୍ତୁତିକରଣ ନିମନ୍ତେ ପାଣ୍ଠିସବୁର ସମୁଚିତ ଆବ□ନକୁ ସୁନିଶ୍ଚିତ କରିବେ ।

(ଘ) ଭାରତ ସରକାରଙ୍କ ମନ୍ତ୍ରଣାଳୟଗୁଡ଼ିକ ଏବଂ ବିଭାଗଗୁଡ଼ିକଦ୍ୱାରା କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ତୁରନ୍ତ ଏବଂ ପ୍ରଭାବଶୀଳ

ମୁକାବିଲା ପାଇଁ ପ୍ରସ୍ତୁତିକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣକୁ ସୁନିଶ୍ଚିତ କରିବେ ।

(ଙ) ସେମାନଙ୍କଦ୍ୱାରା ଯେପରି ଦରକାର ହେବ କିମ୍ବା ଅନ୍ୟଥା ସମୁଚିତ ମନେ ହେବ ସେପରି ଭାବରେ ରାଜ୍ୟ ସରକାରଗୁଡ଼ିକୁ ସହଯୋଗ ଏବଂ ସହାୟତା ଯୋଗାଇ ଦେବେ ।

(ଚ) ଏହି ଅଧିନିୟମର ଉଦ୍ଦେଶ୍ୟ ସାଧନ ନିମନ୍ତେ ଯେପରି ଦରକାର ହେବ ସେପରି ନୌବାହିନୀ, ସ୍ଥଳବାହିନୀ ଏବଂ ଆକାଶବାହିନୀ, ସଂଘର ଅନ୍ୟାନ୍ୟ ସଶସ୍ତ୍ର ବାହିନୀ କିମ୍ବା ଅନ୍ୟାନ୍ୟ ବେସାମରିକ କର୍ମଚାରୀବର୍ଗଙ୍କୁ ନିୟୋଜିତ କରିବେ ।

(ଛ) ଏହି ଅଧିନିୟମର ଉଦ୍ଦେଶ୍ୟ ସାଧନ ନିମନ୍ତେ ଜାତିସଂଘର ଅଭିକରଣ, ଆନ୍ତର୍ଜାତିକ ସଂଗଠନ ଏବଂ ବୈଦେଶିକ ରାଷ୍ଟ୍ରଗୁଡ଼ିକର ସରକାରଙ୍କ ସହିତ ସମନ୍ୱୟ ରକ୍ଷା କରିବେ ।

(ଜ) ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଗବେଷଣା, ପ୍ରଶିକ୍ଷଣ ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକ ନିମନ୍ତେ ଅନୁଷ୍ଠାନଗୁଡ଼ିକୁ ସ୍ଥାପନା କରିବେ ।

(ଝ) ଏହି ଅଧିନିୟମର ବ୍ୟବସ୍ଥାବଳୀର ଫଳପ୍ରଦ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଯେପରି ଆବଶ୍ୟକ କିମ୍ବା ସମୟୋଚିତ ମନେ କରିବେ ସେପରି ଅନ୍ୟାନ୍ୟ ବିଷୟ ।

(୩) କେନ୍ଦ୍ର ସରକାର, ଯେପରି ସମୁଚିତ ମନେ କରିବେ, ସେପରି ସହାୟତା, ଗୁରୁତର ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଅନ୍ୟ ଦେଶମାନଙ୍କୁ ଯୋଗାଇ ଦେଇପାରିବେ ।

**ଧାରା-୩୬: ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକର ଦାୟିତ୍ୱ (Responsibilities of Ministries or Departments of Governments of India) :**

ଭାରତ ସରକାରଙ୍କ ପ୍ରତ୍ୟେକ ମନ୍ତ୍ରଣାଳୟ କିମ୍ବା ବିଭାଗର ନିମ୍ନୋକ୍ତ ଦାୟିତ୍ୱ ରହିବ :–

(କ) ଜାତୀୟ ପ୍ରାଧିକରଣଦ୍ୱାରା ଧାର୍ଯ୍ୟ ପଥ-ପ୍ରଦର୍ଶିକା ଅନୁସାରେ ବିପର୍ଯ୍ୟୟଗୁଡ଼ିକର ନିବାରଣ, ପ୍ରଶମନ, ପ୍ରସ୍ତୁତି-କରଣ ଏବଂ କ୍ଷମତା ନିର୍ମାଣ ନିମନ୍ତେ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିବା ।

(ଖ) ଜାତୀୟ ପ୍ରାଧିକରଣଦ୍ୱାରା ଧାର୍ଯ୍ୟ ପଥ-ପ୍ରଦର୍ଶିକା ଅନୁସାରେ ବିପର୍ଯ୍ୟୟଗୁଡ଼ିକର ନିବାରଣ କିମ୍ବା ପ୍ରଶମନ ନିମନ୍ତେ ପଦକ୍ଷେପଗୁଡ଼ିକୁ ନିଜର ଯୋଜନା ଏବଂ ପ୍ରକଳ୍ପଗୁଡ଼ିକରେ ଏକୀକରଣ କରିବା ।

(ଗ) ଜାତୀୟ ପ୍ରାଧିକରଣର ପଥ-ପ୍ରଦର୍ଶିକା କିମ୍ବା ଏ ସଂକ୍ରାନ୍ତରେ ଜାତୀୟ କାର୍ଯ୍ୟନିର୍ବାହୀ କମିଟିର ନିର୍ଦ୍ଦେଶାବଳୀ ଅନୁସାରେ କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟକୁ ପ୍ରଭାବଶୀଳ ଭାବେ ଏବଂ ତୁରନ୍ତ ମୁକାବିଲା କରିବା ।

(ଘ) ତାଙ୍କଦ୍ୱାରା ପ୍ରଶାସିତ ଅଧିନିୟମ, ତାଙ୍କର ନୀତି, ନିୟମାବଳୀ ଏବଂ ବିନିୟମଗୁଡ଼ିକୁ, ତହିଁରେ ବିପର୍ଯ୍ୟୟଗୁଡ଼ିକର ନିବାରଣ, ପ୍ରଶମନ କିମ୍ବା ପ୍ରସ୍ତୁତିକରଣ ନିମନ୍ତେ ଆବଶ୍ୟକ ବ୍ୟବସ୍ଥାବଳୀ ଅନ୍ତର୍ଭୁକ୍ତ କରିବା ଦୃଷ୍ଟିରୁ, ସେଗୁଡ଼ିକୁ ପୁନର୍ବିଲୋକନ କରିବା ।

(ଙ) ବିପର୍ଯ୍ୟୟର ନିବାରଣ, ପ୍ରଶମନ, କ୍ଷମତା-ନିର୍ମାଣ ଏବଂ ପ୍ରସ୍ତୁତିକରଣ ପାଇଁ ପଦକ୍ଷେପଗୁଡ଼ିକ ନିମନ୍ତେ ପାଣ୍ଠି ଆବ□ନ କରିବା ।

(ଚ) ନିମ୍ନୋକ୍ତ କାର୍ଯ୍ୟ ନିମନ୍ତେ ଜାତୀୟ ପ୍ରାଧିକରଣ ଏବଂ ରାଜ୍ୟ ସରକାରଙ୍କୁ ସହାୟତା ପ୍ରଦାନ କରିବା ।

(i) ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ପ୍ରଶମନ, ପ୍ରସ୍ତୁତି-କରଣ ଏବଂ ମୁକାବିଲା ଯାଜନାର ପ୍ରସ୍ତୁତି, କ୍ଷମତା-ନିର୍ମାଣ, ତଥ୍ୟ-ସଂଗ୍ରହ ଏବଂ କର୍ମଚାରୀବର୍ଗଙ୍କ ଚିହ୍ନଟ ଏବଂ ପ୍ରଶିକ୍ଷଣ ।

(ii) ପ୍ରଭାବିତ ଅ□ଳରେ ଉଦ୍ଧାର ଏବଂ ସାହାଯ୍ୟ କାର୍ଯ୍ୟ ପରିଚାଳନା ।

(iii) କୌଣସି ବିପର୍ଯ୍ୟୟଜନିତ କ୍ଷତିର ଆକଳନ ।

(iv) ଥଇଥାନ ଏବଂ ପୁନର୍ନିର୍ମାଣ କାର୍ଯ୍ୟର ପରିଚାଳନା ।

(ଛ) ନିମ୍ନୋକ୍ତ ପଦକ୍ଷେପଗୁଡ଼ିକ ସମେତ, କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟକୁ ତୁରନ୍ତ ଏବଂ ପ୍ରଭାବଶୀଳ ଭାବେ ମୁକାବିଲା କରିବା ଉଦ୍ଦେଶ୍ୟରେ ଜାତୀୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଏକ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିକୁ ନିଜର ସମ୍ବଳ ଉପଲବ୍ଧ କରିବା :—

(i) କୌଣସି ସମ୍ବେଦନଶୀଳ କିମ୍ବା ପ୍ରଭାବିତ ଅ□ଳରେ ଜରୁରୀ କାଳୀନ ସୁବିଧା ଉପଲବ୍ଧ କରିବା ।

(ii) ପ୍ରଭାବିତ ଅଞ୍ଚଳକୁ / ଅଞ୍ଚଳଠାରୁ କର୍ମଚାରୀବର୍ଗ ଏବଂ ସାହାଯ୍ୟ ସାମଗ୍ରୀ ପରିବହନ କରିବା ।

(iii) ନିଷ୍କ୍ରମଣ, ଉଦ୍ଧାର, ଅସ୍ଥାୟୀ ଆଶ୍ରୟ କିମ୍ବା ଅନ୍ୟାନ୍ୟ ତତ୍କାଳ ସାହାଯ୍ୟ ପ୍ରଦାନ କରିବା ।

(iv) ଅସ୍ଥାୟୀ ପୋଲ, ଘାଟ ଏବଂ ବିମାନ ଅବତରଣ କେନ୍ଦ୍ରର ସ୍ଥାପନ କରିବା ।

(v) ଏକ ପ୍ରଭାବିତ ଅଞ୍ଚଳରେ ପାନୀୟଜଳ, ଅତ୍ୟାବଶ୍ୟକ ସାମଗ୍ରୀ, ସ୍ୱାସ୍ଥ୍ୟ ଯତ୍ନ ଏବଂ ସେବା ଉପଲବ୍ଧ କରିବା ।

(ଜ) ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଯେପରି ଆବଶ୍ୟକ ବିବେଚିତ ହେବ ସେପରି ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

**ଧାରା-୩୭: ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକର ବିପର୍ଯ୍ୟୟ ପରିଚାଳନା ଯୋଜନା (Disaster Management Plans of Ministries or Departments of Government of India) :**

(୧) ଭାରତ ସରକାରଙ୍କ ପ୍ରତ୍ୟେକ ମନ୍ତ୍ରଣାଳୟ କିମ୍ବା ବିଭାଗ ନିମ୍ନୋକ୍ତ କାର୍ଯ୍ୟ କରିବେ :–

(କ) ନିମ୍ନୋକ୍ତ ବିବରଣୀକୁ ବିନିର୍ଦ୍ଦିଷ୍ଟ କରି ଏକ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବେ, ଯଥା :–

(i) ଜାତୀୟ ଯୋଜନା ଅନୁସାରେ ତାଙ୍କଦ୍ୱାରା ବିପର୍ଯ୍ୟୟଗୁଡ଼ିକର ନିବାରଣ ଏବଂ ପ୍ରଶମନ ନିମନ୍ତେ ଗୃହୀତ ହେବାକୁ ଥିବା ପଦକ୍ଷେପଗୁଡ଼ିକ;

(ii) ଜାତୀୟ ପ୍ରାଧିକରଣ ଏବଂ ଜାତୀୟ କାର୍ଯ୍ୟନିର୍ବାହୀ କମିଟିର ପଥ-ପ୍ରଦର୍ଶିକା ଅନୁସାରେ ତାଙ୍କର ଉନ୍ନୟନମୂଳକ ଯୋଜନାଗୁଡ଼ିକରେ ପ୍ରଶମନ ପଦକ୍ଷେପଗୁଡ଼ିକର ଏକୀକରଣ ସମ୍ବନ୍ଧୀୟ ବିନିର୍ଦ୍ଦେଶନ;

(iii) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟକୁ ମୁକାବିଲା କରିବାପାଇଁ ପ୍ରସ୍ତୁତିକରଣ ଏବଂ କ୍ଷମତା ନିର୍ମାଣ ସମ୍ବନ୍ଧରେ ତାଙ୍କର ଭୂମିକା ଏବଂ ଦାୟିତ୍ୱ;

(iv) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟକୁ ତୁରନ୍ତ ଏବଂ ପ୍ରଭାବଶୀଳ ଭାବେ ମୁକାବିଲା କରିବା ସମ୍ବନ୍ଧରେ ତାଙ୍କର ଭୂମିକା ଏବଂ ଦାୟିତ୍ୱ;

(v) ଉପ-ଖଣ୍ଡାବଳୀ (iii) ଏବଂ (iv)ରେ ବିନିର୍ଦ୍ଦିଷ୍ଟ ଭୂମିକା ଏବଂ ଦାୟିତ୍ୱ ସମ୍ପାଦନ ନିମନ୍ତେ ତାଙ୍କ ପ୍ରସ୍ତୁତିକରଣର ସାମ୍ପ୍ରତିକ ସ୍ଥିତି ।

(vi) ଉପ-ଖଣ୍ଡାବଳୀ (iii) ଏବଂ (iv)ରେ ବିନିର୍ଦ୍ଦିଷ୍ଟ ତାଙ୍କର ଦାୟିତ୍ୱ ସମ୍ପାଦନରେ ତାଙ୍କୁ ସକ୍ଷମ କରାଇବାପାଇଁ ଗୃହୀତ ହେବାକୁ ଉଦ୍ଦିଷ୍ଟ ପଦକ୍ଷେପମାନ;

(ଖ) ଖଣ୍ଡ(କ)ରେ ସୂଚିତ ବାର୍ଷିକ ଯୋଜନାର ପୁନର୍ବିଲୋକନ ଏବଂ ଅଦ୍ୟତନ କରିବେ ।

(ଗ) ଖଣ୍ଡ(କ) କିମ୍ବା ଖଣ୍ଡ(ଖ)ରେ, ଯଥାସ୍ଥିତି, ସୂଚିତ ଯୋଜନାର ନକଲ, କେନ୍ଦ୍ର ସରକାରଙ୍କୁ ପ୍ରେରଣ କରିବେ ଯିଏକି ତହିଁର ଏକ ନକଲ ଜାତୀୟ ପ୍ରାଧିକରଣକୁ ତାଙ୍କର ଅନୁମୋଦନ ନିମନ୍ତେ ପ୍ରେରଣ କରିବେ ।

(୨) ଭାରତ ସରକାରଙ୍କ ପ୍ରତ୍ୟେକ ମନ୍ତ୍ରଣାଳୟ କିମ୍ବା ବିଭାଗ ନିମ୍ନୋକ୍ତ କାର୍ଯ୍ୟ କରିବେ :—

(କ) ଉପଧାରା(୧)ର ଖଣ୍ଡ(କ) ଅନ୍ତର୍ଗତ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରାଯିବାବେଳେ ତହିଁରେ ବିନିର୍ଦ୍ଦିଷ୍ଟ କାର୍ଯ୍ୟକଳାପର ଅର୍ଥପୋଷଣ ନିମନ୍ତେ ବ୍ୟବସ୍ଥା କରିବେ ।

(ଖ) ଯେପରି ଏବଂ ଯେତେବେଳେ ତାଙ୍କ ଦ୍ୱାରା ଦରକାର ପଡ଼ିବ ସେତେବେଳେ ଜାତୀୟ ପ୍ରାଧିକରଣକୁ ଉପଧାରା(୧)ର ଖଣ୍ଡ(କ)ରେ ସୂଚିତ ଯୋଜନା କାର୍ଯ୍ୟାନ୍ୱୟନ ସଂକ୍ରାନ୍ତୀୟ ଏକ ସ୍ଥିତିଗତ ବିବରଣୀ ଉପଲବ୍ଧ କରିବେ ।

**ଧାରା-୩୮ : ରାଜ୍ୟ ସରକାରଙ୍କ ପଦକ୍ଷେପ ଗ୍ରହଣ**

**(State Government to Take Measures) :**

(୧) ଏହି ଅଧିନିୟମର ବ୍ୟବସ୍ଥାବଳୀ ସାପେକ୍ଷରେ, ପ୍ରତ୍ୟେକ ରାଜ୍ୟ ସରକାର, ଜାତୀୟ ପ୍ରାଧିକରଣଦ୍ୱାରା ଧାର୍ଯ୍ୟ ପଥ-ପ୍ରଦର୍ଶିକାରେ ବିନିର୍ଦ୍ଦିଷ୍ଟ ପଦକ୍ଷେପ ଏବଂ ବିପର୍ଯ୍ୟୟ ପରିଚାଳନା ଉଦ୍ଦେଶ୍ୟରେ ତାଙ୍କୁ ଯେପରି ଆବଶ୍ୟକ କିମ୍ବା ସମୟୋଚିତ ମନେ ହେବ ସେପରି ଆହୁରି ପଦକ୍ଷେପସବୁ ଗ୍ରହଣ କରିବେ ।

(୨) ଉପଧାରା(୧) ଅନ୍ତର୍ଗତ ଯେଉଁସବୁ ପଦକ୍ଷେପ ରାଜ୍ୟ ସରକାର ଗ୍ରହଣ କରିବେ ସେସବୁ ନିମ୍ନୋକ୍ତ ବିଷୟଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ କିମ୍ବା ସବୁ ବିଷୟ ସମ୍ବନ୍ଧିତ ପଦକ୍ଷେପକୁ ଅନ୍ତର୍ଭୁକ୍ତ କରିବ, ଯଥା :—

(କ) ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ରାଜ୍ୟ ପ୍ରାଧିକରଣ, ଜିଲ୍ଲା ପ୍ରାଧିକରଣଗୁଡ଼ିକ କର୍ତ୍ତୃପକ୍ଷ, ସ୍ଥାନୀୟ ଏବଂ ଅନ୍ୟାନ୍ୟ ବେସରକାରୀ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟର ସମନ୍ୱୟ;

(ଖ) ବିପର୍ଯ୍ୟୟ ପରିଚାଳନାରେ ଜାତୀୟ ପ୍ରାଧିକରଣ ଏବଂ ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ରାଜ୍ୟ ପ୍ରାଧିକରଣ ଏବଂ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଏବଂ ଜିଲ୍ଲା ପ୍ରାଧିକରଣଗୁଡ଼ିକୁ ସହଯୋଗ ଏବଂ ସହାୟତା;

(ଗ) ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକଦ୍ୱାରା ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଯେପରି ଅନୁରୋଧ କରାଯିବ କିମ୍ବା ଅନ୍ୟଥା ସମୁଚିତ ମନେ ହେବ ସେପରି ସହଯୋଗ ଏବଂ ସହାୟତା;

(ଘ) ରାଜ୍ୟ ଯୋଜନା ଏବଂ ଜିଲ୍ଲା ଯୋଜନାଗୁଡ଼ିକର ବ୍ୟବସ୍ଥାବଳୀ ଅନୁସାରେ ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକଦ୍ୱାରା ବିପର୍ଯ୍ୟୟ ନିବାରଣ, ପ୍ରଶମନ, କ୍ଷମତା-ନିର୍ମାଣ ଏବଂ ପ୍ରସ୍ତୁତିକରଣ ପାଇଁ ପଦକ୍ଷେପଗୁଡ଼ିକ ନିମନ୍ତେ ପାଣ୍ଠି ଆବଣ୍ଟନ;

(ଙ) ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକଦ୍ୱାରା ସେମାନଙ୍କର ଉନ୍ନୟନମୂଳକ ଯୋଜନା ଏବଂ ପରିକଳ୍ପନାଗୁଡ଼ିକରେ ବିପର୍ଯ୍ୟୟ ନିବାରଣ କିମ୍ବା ପ୍ରଶମନ ନିମନ୍ତେ ପଦକ୍ଷେପଗୁଡ଼ିକର ଏକୀକରଣକୁ ସୁନିଶ୍ଚିତ କରିବା;

(ଚ) ରାଜ୍ୟର ବିଭିନ୍ନ ଭାଗରେ ବିଭିନ୍ନ ବିପର୍ଯ୍ୟୟଗୁଡ଼ିକର ସମ୍ବେଦନଶୀଳତାକୁ ହ୍ରାସ କରିବା କିମ୍ବା ପ୍ରଶମନ କରିବା ନିମନ୍ତେ ରାଜ୍ୟ ବିକାଶ ଯୋଜନାରେ ପଦକ୍ଷେପଗୁଡ଼ିକର ଏକୀକରଣ;

(ଛ) ଜାତୀୟ ପ୍ରାଧିକରଣ ଏବଂ ରାଜ୍ୟ ପ୍ରାଧିକରଣ ଦ୍ୱାରା ଧାର୍ଯ୍ୟ ପଥ-ପ୍ରଦର୍ଶିକା ଅନୁସାରେ ରାଜ୍ୟର ବିଭିନ୍ନ ବିଭାଗଦ୍ୱାରା ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରସ୍ତୁତିକରଣକୁ ସୁନିଶ୍ଚିତ କରିବା;

(ଜ) ସମ୍ବେଦନଶୀଳ ଗୋଷ୍ଠୀଗୁଡ଼ିକର ସ୍ତର ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ସତର୍କତା ବ୍ୟବସ୍ଥାଗୁଡ଼ିକର ସ୍ଥାପନା;

(ଝ) ଏହା ସୁନିଶ୍ଚିତ କରିବେ ଯେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକ ଏବଂ ଜିଲ୍ଲା ପ୍ରାଧିକରଣଗୁଡ଼ିକ ସମୁଚିତ ପ୍ରସ୍ତୁତିକରଣ ପଦକ୍ଷେପମାନ ଗ୍ରହଣ କରିଛନ୍ତି;

(ଞ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ପ୍ରଭାବଶୀଳ ମୁକାବିଲା, ଉଦ୍ଧାର ଏବଂ ସାହାଯ୍ୟ ଉଦ୍ଦେଶ୍ୟରେ, ଯଥାସ୍ଥିତି, ଜାତୀୟ

କାର୍ଯ୍ୟନିର୍ବାହୀ କମିଟି କିମ୍ବା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣଗୁଡ଼ିକୁ ଏକ ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟରେ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗଗୁଡ଼ିକର ସମ୍ବଳସବୁ ଉପଲବ୍ଧ କରାଯାଇଛି ବୋଲି ସୁନିଶ୍ଚିତ କରିବା;

(ଟ) କୌଣସି ବିପର୍ଯ୍ୟୟର ଉତ୍ପୀଡ଼ିତମାନଙ୍କୁ ଥଇଥାନ ଏବଂ ପୁନର୍ନିର୍ମାଣ ସହାୟତା ଯୋଗାଇ ଦେବା;

(ଠ) ଏହି ଅଧିନିୟମର ବ୍ୟବସ୍ଥାବଳୀର ପ୍ରଭାବଶୀଳ କାର୍ଯ୍ୟାନ୍ୱୟନକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ଯେପରି ଆବଶ୍ୟକ କିମ୍ବା ସମୟୋଚିତ ମନେ ହେବ ସେପରି ଅନ୍ୟାନ୍ୟ ବିଷୟବସ୍ତୁ;

**ଧାରା-୩୯: ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକର ଦାୟିତ୍ୱ**

**(Responsibilities of Departments of the State Government) :**

(୧) ଏକ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗର ନିମ୍ନୋକ୍ତମତେ ଦାୟିତ୍ୱ ରହିବ :–

(କ) ଜାତୀୟ ପ୍ରାଧିକରଣ ଏବଂ ରାଜ୍ୟ ପ୍ରାଧିକରଣଦ୍ୱାରା ଧାର୍ଯ୍ୟ ପଥ-ପ୍ରଦର୍ଶିକା ଅନୁସାରେ ବିପର୍ଯ୍ୟୟଗୁଡ଼ିକର ନିବାରଣ, ପ୍ରଶମନ, ପ୍ରସ୍ତୁତିକରଣ ଏବଂ କ୍ଷମତା-ନିର୍ମାଣ ନିମନ୍ତେ ଆବଶ୍ୟକ ପଦକ୍ଷେପମାନ ଗ୍ରହଣ କରିବା ।

(ଖ) ବିପର୍ଯ୍ୟୟ ନିବାରଣ ଏବଂ ପ୍ରଶମନ ପାଇଁ ପଦକ୍ଷେପଗୁଡ଼ିକୁ ନିଜର ଉନ୍ନୟନମୂଳକ ଯୋଜନା ଏବଂ ପରିକଳ୍ପନାଗୁଡ଼ିକରେ ଏକୀକରଣ କରିବା ।

(ଗ) ବିପର୍ଯ୍ୟୟ ନିବାରଣ, ପ୍ରଶମନ, କ୍ଷମତା-ନିର୍ମାଣ ଏବଂ ପ୍ରସ୍ତୁତିକରଣ ନିମନ୍ତେ ପାଣ୍ଠି ଆବ□ନ କରିବା ।

(ଘ) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟକୁ ରାଜ୍ୟ ଯୋଜନା ଅନୁସାରେ ଏବଂ ଜାତୀୟ କାର୍ଯ୍ୟନିର୍ବାହୀ କମିଟି ଏବଂ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିର ପଥ-ପ୍ରଦର୍ଶିକା କିମ୍ବା ନିର୍ଦ୍ଦେଶାବଳୀ ଅନୁସାରେ ସଫଳତାର ସହିତ ଏବଂ ତୁରନ୍ତ ମୁକାବିଲା କରିବା ।

(ଙ) ତାଙ୍କଦ୍ୱାରା ପ୍ରଶାସିତ ଅଧିନିୟମନସବୁ, ତାଙ୍କର ନୀତିସବୁ, ନିୟମାବଳୀ ଏବଂ ବିନିୟମନ ସବୁକୁ, ବିପର୍ଯ୍ୟୟଗୁଡ଼ିକର ନିବାରଣ, ପ୍ରଶମନ କିମ୍ବା ପ୍ରସ୍ତୁତିକରଣ ନିମନ୍ତେ, ତହିଁରେ ଆବଶ୍ୟକ ବ୍ୟବସ୍ଥାବଳୀକୁ ଅନ୍ତର୍ଭୁକ୍ତ କରିବା ଦୃଷ୍ଟିକୋଣରୁ ପୁନର୍ବିଲୋକନ କରିବା ।

(ଚ) ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି ଏବଂ ଜିଲ୍ଲା ପ୍ରାଧିକରଣଗୁଡ଼ିକଦ୍ୱାରା ଯେପରି ଆବଶ୍ୟକ ସେପରି ନିମ୍ନୋକ୍ତ ବିଷୟ ନିମନ୍ତେ ସହାୟତା ଯୋଗାଇ ଦେବା :–

(i) ପ୍ରଶମନ, ପ୍ରସ୍ତୁତିକରଣ ଏବଂ ମୁକାବିଲା ଯୋଜନା, କ୍ଷମତା-ନିର୍ମାଣ, ତଥ୍ୟ ସଂଗ୍ରହର ନିର୍ଦ୍ଧାରଣ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧରେ କର୍ମଚାରୀବର୍ଗଙ୍କର ଚିହ୍ନଟ ଏବଂ ପ୍ରଶିକ୍ଷଣ;

(ii) କୌଣସି ବିପର୍ଯ୍ୟୟରୁ କ୍ଷତିର ଆକଳନ;

(iii) ଥଇଥାନ ଏବଂ ପୁନନିର୍ମାଣର କାର୍ଯ୍ୟ ପରିଚାଳନା;

(ଛ) ଜିଲ୍ଲା ସ୍ତରରେ ତାଙ୍କର ପ୍ରାଧିକରଣଗୁଡ଼ିକଦ୍ୱାରା ଜିଲ୍ଲା ଯୋଜନାର କାର୍ଯ୍ୟାନ୍ୱୟନ ନିମନ୍ତେ ରାଜ୍ୟ ପ୍ରାଧିକରଣ ସହିତ ପରାମର୍ଶ କ୍ରମେ ସମ୍ବଳର ବ୍ୟବସ୍ଥା କରିବା ।

(ଜ) ରାଜ୍ୟରେ କୌଣସି ବିପର୍ଯ୍ୟୟର ତୁରନ୍ତ ଏବଂ ପ୍ରଭାବଶୀଳ ଭାବେ ମୁକାବିଲା କରିବା ଉଦ୍ଦେଶ୍ୟରେ ନିମ୍ନୋକ୍ତ ପଦକ୍ଷେପଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଜାତୀୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣଗୁଡ଼ିକୁ ସମ୍ବଳ ଉପଲବ୍ଧ କରିବା :–

(i) ଏକ ସମ୍ବେଦନଶୀଳ କିମ୍ବା ପ୍ରଭାବିତ ଅଞ୍ଚଳରେ ଜରୁରୀ କାଳୀନ ସଂଚାର ବ୍ୟବସ୍ଥା ଯୋଗାଇ ଦେବା;

(ii) ପ୍ରଭାବିତ ଅଞ୍ଚଳକୁ / ଅଞ୍ଚଳଠାରୁ କର୍ମଚାରୀବର୍ଗ ଏବଂ ସାହାଯ୍ୟ ସାମଗ୍ରୀ ପରିବହନ କରିବା;

(iii) ନିଷ୍କ୍ରମଣ, ଉଦ୍ଧାର, ଅସ୍ଥାୟୀ ଆଶ୍ରୟ କିମ୍ବା ଅନ୍ୟାନ୍ୟ ତତ୍କାଳ ସାହାଯ୍ୟ ଉପଲବ୍ଧ କରାଇବା;

(iv) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟ ଅଞ୍ଚଳରୁ ବ୍ୟକ୍ତିମାନଙ୍କୁ କିମ୍ବା ପଶୁ ସମ୍ପଦକୁ ନିଷ୍କ୍ରମଣ କରାଇବା;

(v) ଅସ୍ଥାୟୀ ପୋଲ, ଘାଟ ଏବଂ ବିମାନ ଅବତରଣ କେନ୍ଦ୍ର ସ୍ଥାପନ କରିବା;

(vi) ପାନୀୟ ଜଳ, ଅତ୍ୟାବଶ୍ୟକ ସାମଗ୍ରୀ, ସ୍ୱାସ୍ଥ୍ୟ ଯତ୍ନ ଏବଂ ସେବା ଏକ ପ୍ରଭାବିତ ଅଞ୍ଚଳରେ ଉପଲବ୍ଧ କରାଇବା;

(୯) ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଯେପରି ଦରକାର ପଡ଼ିବ ସେପରି ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ।

**ଧାରା-୪୦ : ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକର ବିପର୍ଯ୍ୟୟ ପରିଚାଳନା ଯୋଜନା (Disaster Management Plan of Departments of State) :**

(୧) ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ, ରାଜ୍ୟ ପ୍ରାଧିକରଣଙ୍କଦ୍ୱାରା ଧାର୍ଯ୍ୟ ପଥ-ପ୍ରଦର୍ଶିକା ଅନୁସାରେ ନିମ୍ନମତେ କାର୍ଯ୍ୟ କରିବେ :–

(କ) ଏକ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତ କରିବେ ଯହିଁରେ ନିମ୍ନୋକ୍ତ ବିଷୟ ରହିବ :–

(i) ସେହି ବିପର୍ଯ୍ୟୟଗୁଡ଼ିକର ପ୍ରକାର ଯଦ୍ଦ୍ୱାରା ରାଜ୍ୟର ବିଭିନ୍ନ ଭାଗ ସମ୍ବେଦନଶୀଳ ଅଟେ;

(ii) ବିଭାଗଦ୍ୱାରା ଉନ୍ନୟନମୂଳକ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକ ସହିତ ବିପର୍ଯ୍ୟୟ ନିବାରଣ କିମ୍ବା ତାହାର ପ୍ରଭାବ ସବୁର ପ୍ରଶମନ କିମ୍ବା ଉଭୟ ନିମନ୍ତେ ରଣକୌଶଳର ଏକୀକରଣ;

(iii) କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟ ଘଟଣାକ୍ରମେ ରାଜ୍ୟ ବିଭାଗର ଭୂମିକା ଏବଂ ଦାୟିତ୍ୱ ଏବଂ ସମ୍ପାଦନ କରାଯିବାକୁ ଦରକାର ପଡୁଥିବା ଜରୁରୀ କାଳୀନ ଅବଲମ୍ବନ କାର୍ଯ୍ୟ;

(iv) ଏପରି ଭୂମିକା କିମ୍ବା ଦାୟିତ୍ୱ କିମ୍ବା ଉପଖଣ୍ଡ(iii) ଅନ୍ତର୍ଗତ ଜରୁରୀ କାଳୀନ ଅବଲମ୍ବନ କାର୍ଯ୍ୟ ସମ୍ପାଦନ ନିମନ୍ତେ ତାଙ୍କ ପ୍ରସ୍ତୁତିକରଣର ସାମ୍ପ୍ରତିକ ସ୍ଥିତି;

(v) ଭାରତ ସରକାରଙ୍କ ମନ୍ତ୍ରଣାଳୟଗୁଡ଼ିକୁ କିମ୍ବା ବିଭାଗଗୁଡ଼ିକୁ ୩୭ ଧାରା ଅନ୍ତର୍ଗତ ସେମାନଙ୍କର ଦାୟିତ୍ୱ ନିର୍ବାହ ନିମନ୍ତେ ସକ୍ଷମ କରିବାପାଇଁ କାର୍ଯ୍ୟରେ ପରିଣତ କରାଯିବାକୁ ଉଦ୍ଦିଷ୍ଟ ପ୍ରସ୍ତାବିତ କ୍ଷମତା-ନିର୍ମାଣ ଏବଂ ପ୍ରସ୍ତୁତିକରଣ ପଦକ୍ଷେପମାନ;

(ଖ) ଖଣ୍ଡ(କ)ରେ ସୂଚିତ ଯୋଜନାର ବାର୍ଷିକ ପୁନର୍ବିଲୋକନ ଏବଂ ଅଦ୍ୟତନ ।

(ଗ) ରାଜ୍ୟ ପ୍ରାଧିକରଣଙ୍କୁ ଯଥାସ୍ଥିତି, ଖଣ୍ଡ(କ) କିମ୍ବା ଖଣ୍ଡ(ଖ)ରେ ସୂଚିତ ଯୋଜନାର ଏକ କିତା ନକଲ ଉପଲବ୍ଧ କରିବା ।

(୨) ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ, ଉପ-ଧାରା(୧) ଅନ୍ତର୍ଗତ ଯୋଜନା ପ୍ରସ୍ତୁତ କଲାବେଳେ, ତହିଁରେ ବିନିର୍ଦ୍ଦିଷ୍ଟ କାର୍ଯ୍ୟକଳାପର ଅର୍ଥପୋଷଣ ନିମନ୍ତେ ବ୍ୟବସ୍ଥା କରିବେ ।

(୩) ଉପ-ଧାରା(୧)ରେ ସୂଚିତ ବିପର୍ଯ୍ୟୟ ପରିଚାଳନା ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ, ରାଜ୍ୟ ସରକାରଙ୍କ ପ୍ରତ୍ୟେକ ବିଭାଗ, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିକୁ କାର୍ଯ୍ୟାନ୍ୱୟନର ସ୍ଥିତିଗତ ବିବରଣୀ ଉପଲବ୍ଧ କରିବେ ।

•

# ଷଷ୍ଠ ଅଧ୍ୟାୟ

**(Chapter - VI)**

# ସ୍ଥାନୀୟ କର୍ତ୍ତୃପକ୍ଷ

**(LOCAL AUTHORITIES)**

**ଧାରା-୪୧ : ସ୍ଥାନୀୟ ପ୍ରାଧିକରଣର କାର୍ଯ୍ୟ (Functions of the Local Authorities) :**

(୧) ଜିଲ୍ଲା ପ୍ରାଧିକରଣଙ୍କ ନିର୍ଦ୍ଦେଶାବଳୀ ସାପେକ୍ଷରେ ସ୍ଥାନୀୟ କର୍ତ୍ତୃପକ୍ଷ ନିମ୍ନୋକ୍ତ କାର୍ଯ୍ୟ କରିବେ :–

(କ) ସୁନିଶ୍ଚିତ କରିବେ ଯେ ତାଙ୍କର ଅଧିକାରୀମାନେ ଏବଂ କର୍ମଚାରୀବର୍ଗ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ତାଲିମ ପାଇଛନ୍ତି ।

(ଖ) ସୁନିଶ୍ଚିତ କରିବେ ଯେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ସମ୍ବଳଗୁଡ଼ିକର ଏପରି ଭାବେ ରକ୍ଷଣାବେକ୍ଷଣ କରାଯାଇଛି ଯେପରିକି ସେସବୁ କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ଘଟଣାକ୍ରମେ ବ୍ୟବହାର ନିମନ୍ତେ ସଙ୍ଗେ ସଙ୍ଗେ ଉପଲବ୍ଧ ହେବ ।

(ଗ) ସୁନିଶ୍ଚିତ କରିବେ ଯେ ତାଙ୍କ ଅଧିନରେ କିମ୍ବା ତାଙ୍କ ଆଧିକାରିତା ମଧ୍ୟରେ ଥିବା ସବୁ ନିର୍ମାଣ ପ୍ରକଳ୍ପଗୁଡ଼ିକ, ଜାତୀୟ ପ୍ରାଧିକରଣ, ରାଜ୍ୟ ପ୍ରାଧିକରଣ ଏବଂ ଜିଲ୍ଲା ପ୍ରାଧିକରଣ ଦ୍ୱାରା ବିପର୍ଯ୍ୟୟଗୁଡ଼ିକର ନିବାରଣ ଏବଂ ପ୍ରଶମନ ନିମନ୍ତେ ଧାର୍ଯ୍ୟ ମାନକ ଏବଂ ବିନିୟମନ ଅନୁରୂପ ହୋଇଛି ।

(ଘ) ପ୍ରଭାବିତ ଅଞ୍ଚଳରେ ରାଜ୍ୟ ଯୋଜନା ଏବଂ ଜିଲ୍ଲା ଯୋଜନା ଅନୁସାରେ ସାହାଯ୍ୟ, ଥଇଥାନ ଏବଂ ପୁନର୍ନିର୍ମାଣ କାର୍ଯ୍ୟ କରିବା ।

(୨) ସ୍ଥାନୀୟ କର୍ତ୍ତୃପକ୍ଷ, ବିପର୍ଯ୍ୟୟ ପରିଚାଳନା ପାଇଁ ଯେପରି ଆବଶ୍ୟକ, ସେପରି ଅନ୍ୟାନ୍ୟ ପଦକ୍ଷେପମାନ ଗ୍ରହଣ କରିବେ ।

•

# ସପ୍ତମ ଅଧ୍ୟାୟ

## (Chapter - VII)

# ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନ

## (NATIONAL INSTITUTE OF DISASTER MANAGEMENT)

**ଧାରା-୪୨ : ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନ**

**(National Institute of Disaster Management) :**

(୧) କେନ୍ଦ୍ର ସରକାର, ଏ ସଂକ୍ରାନ୍ତରେ ସରକାରୀ ରାଜପତ୍ରରେ ବିଜ୍ଞପ୍ତିଦ୍ୱାରା ଯେଉଁ ତାରିଖ ଧାର୍ଯ୍ୟ କରିବେ ସେହି ତାରିଖରୁ ଏକ ଅନୁଷ୍ଠାନ ଗଠିତ ହେବ ଯାହାକୁ ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନ ବୋଲି କୁହାଯିବ ।

(୨) କେନ୍ଦ୍ର ସରକାରଙ୍କଦ୍ୱାରା ଯେପରି ଭାବେ ନିର୍ଦ୍ଧାରିତ ହେବ ସେପରି ସଂଖ୍ୟକ ସଦସ୍ୟମାନଙ୍କୁ ନେଇ ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନ ଗଠିତ ହେବ ।

(୩) ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନର ସଦସ୍ୟମାନଙ୍କର କାର୍ଯ୍ୟକାଳ, ସେମାନଙ୍କ ମଧ୍ୟର ଶୂନ୍ୟତା ଏବଂ ଏପରି ଶୂନ୍ୟତାର ପରିପୂରଣ ରୀତି ଯେପରି ନିର୍ଦ୍ଧାରିତ ହେବ ସେପରି ହେବ ।

(୪) ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନର ଏକ ପରିଚାଳକ ନିକାୟ ରହିବ, ଯାହାକି ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନର ସଦସ୍ୟମାନଙ୍କ ମଧ୍ୟରୁ, କେନ୍ଦ୍ର ସରକାରଙ୍କ ଦ୍ୱାରା ଯେପରି ଧାର୍ଯ୍ୟ ହେବ ସେପରି ରୀତିରେ ଗଠନ କରାଯିବ ।

(୫) ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନର ପରିଚାଳକ ନିକାୟ, ବିନିୟମନ ଦ୍ୱାରା ଯେପରି ନିର୍ଦ୍ଧାରିତ ହେବ ସେପରି କ୍ଷମତା ପ୍ରୟୋଗ ଏବଂ ସେପରି କାର୍ଯ୍ୟନିର୍ବାହ କରିବେ ।

(୬) ପରିଚାଳକ ନିକାୟଦ୍ୱାରା, ଅନୁସୃତ ହେବାକୁ ଥିବା ଏହାର କ୍ଷମତାର ପ୍ରୟୋଗ ଏବଂ ଏହାର କାର୍ଯ୍ୟ ନିର୍ବାହ କ୍ରିୟାବିଧି ଏବଂ ଏହାର କାର୍ଯ୍ୟକାଳ ଏବଂ ପରିଚାଳକ– ନିକାୟର ସଦସ୍ୟମାନଙ୍କ ମଧ୍ୟରୁ ଶୂନ୍ୟତାର ପରିପୂରଣ ଏପରି ରୀତିରେ ହେବ ଯେପରି ବିନିୟମନଦ୍ୱାରା ଧାର୍ଯ୍ୟ କରାଯିବ ।

(୭) ଏହି ଧାରା ଅନୁସାରେ ବିନିୟମନ ପ୍ରଣୀତ ନ ହେବା ପର୍ଯ୍ୟନ୍ତ, କେନ୍ଦ୍ର ସରକାର ଏପରି ବିନିୟମନ ପ୍ରଣୟନ କରିପାରିବେ ଏବଂ ସେପରି ଭାବେ ପ୍ରଣୀତ କୌଣସି

ବିନିୟମନକୁ, ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନଦ୍ୱାରା ତାହାର କ୍ଷମତାର ପ୍ରୟୋଗ କ୍ରମେ ପରିବର୍ତ୍ତିତ କିମ୍ବା ରଦ୍ଦ କରାଯାଇପାରିବ ।

(୮) ଏହି ଅଧିନିୟମର ବ୍ୟବସ୍ଥାବଳୀ ସାପେକ୍ଷରେ, ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନ, ଜାତୀୟ ପ୍ରାଧିକରଣଦ୍ୱାରା ନିର୍ଦ୍ଧାରିତ ପ୍ରଶସ୍ତ ନୀତି ଏବଂ ପଥ-ପ୍ରଦର୍ଶିକା ମଧ୍ୟରେ କାର୍ଯ୍ୟ କରିବ ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଯୋଜନା ଏବଂ ତାଲିମ ଓ ଗବେଷଣାର ପ୍ରୋତ୍ସାହନ ପାଇଁ ଦଲିଲ ଲେଖନ ଓ ବିପର୍ଯ୍ୟୟ ପରିଚାଳନାର ନୀତି, ନିବାରଣ ସକ୍ରିୟ ଏବଂ ପ୍ରଶମନ ପଦକ୍ଷେପ ସମ୍ବନ୍ଧରେ ଜାତୀୟ ସ୍ତରରେ ସୂଚନା ଭି□ିର ବିକାଶ ନିମନ୍ତେ ଦାୟୀ ରହିବ ।

(୯) ଉପ-ଧାରା(୮)ରେ ନିହିତ ବ୍ୟବସ୍ଥାବଳୀର ବ୍ୟାପକତାରେ କୌଣସି ଆ□ନ ଆଣି, ଜାତୀୟ ଅନୁଷ୍ଠାନ, ଏହାର କାର୍ଯ୍ୟ ସମ୍ପାଦନପାଇଁ ନିମ୍ନୋକ୍ତ କାର୍ଯ୍ୟ କରିବେ :—

(କ) ତାଲିମ ପଦ୍ଧତିର ବିକାଶ, ବିପର୍ଯ୍ୟୟ ପରିଚାଳନାରେ ଗବେଷଣା ଏବଂ ଦସ୍ତାବିଜ ଲେଖନର ଅଙ୍ଗୀକାର ଏବଂ ତାଲିମ କାର୍ଯ୍ୟକ୍ରମର ସଂଗଠନ କରିବା ।

(ଖ) ବିପର୍ଯ୍ୟୟ ପରିଚାଳନାର ସବୁ ଦିଗକୁ ଆବୃତ କରି ଏକ ବ୍ୟାପକ ମାନବ-ସମ୍ବଳ ବିକାଶ ଯୋଜନାର ସୂତ୍ରବଦ୍ଧ ଏବଂ କାର୍ଯ୍ୟାନ୍ୱିତ କରିବା ।

(ଗ) ଜାତୀୟ ସ୍ତରୀୟ ନୀତି ପ୍ରଣୟନରେ ସହାୟତା ଉପଲବ୍ଧ କରିବା ।

(ଘ) ସରକାରୀ କାର୍ଯ୍ୟକ□ଙ୍କ ସମେତ ପଣଧାରୀମାନଙ୍କ ନିମନ୍ତେ ତାଲିମ ଏବଂ ଗବେଷଣା କାର୍ଯ୍ୟକ୍ରମଗୁଡ଼ିକର ବିକାଶ ପାଇଁ ତାଲିମ ଏବଂ ଗବେଷଣା ଅନୁଷ୍ଠାନଗୁଡ଼ିକୁ ଆବଶ୍ୟକ ସହାୟତା ଉପଲବ୍ଧ କରିବା ଏବଂ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଅନୁଷ୍ଠାନର ଅନୁଷଦ୍ ସଦସ୍ୟମାନଙ୍କର ତାଲିମର ଦାୟିତ୍ୱ ବହନ କରିବା ।

(ଙ) ରାଜ୍ୟସ୍ତରୀୟ ନୀତି, ରଣକୌଶଳ, ବିପର୍ଯ୍ୟୟ ପରିଚାଳନା ଢା□ର ପ୍ରଣୟନରେ ରାଜ୍ୟ ସରକାର ଏବଂ ରାଜ୍ୟ ତାଲିମ ଅନୁଷ୍ଠାନଗୁଡ଼ିକୁ ସହାୟତା ଯୋଗାଇ ଦେବା ଏବଂ ପଣଧାରୀ, କାର୍ଯ୍ୟକ□ଙ୍କ ସମେତ ସରକାର, ବେସାମରିକ ସାମାଜିକ ସଦସ୍ୟ, ନିଗମ-କ୍ଷେତ୍ର ଏବଂ ନିର୍ବାଚିତ ଲୋକପ୍ରତିନିଧିମାନଙ୍କର କ୍ଷମତା-ନିର୍ମାଣ ନିମନ୍ତେ ସରକାର କିମ୍ବା ରାଜ୍ୟ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକଦ୍ୱାରା ଯେପରି ଭାବରେ ଅନ୍ୟ କୌଣସି ସହାୟତା ଦରକାର ପଡ଼ିବ ସେସବୁ ଯୋଗାଇ ଦେବା ।

(ଚ) ସାରସ୍ୱତ ଏବଂ ବୃତ୍ତିଗତ ପାଠ୍ୟକ୍ରମ ସମେତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଶିକ୍ଷାଗତ ସାମଗ୍ରୀର ବିକାଶ ।

(ଛ) କଲେଜ କିମ୍ବା ସ୍କୁଲର ଶିକ୍ଷକ ଏବଂ ଛାତ୍ର, ବୈଷୟିକ କର୍ମଚାରୀବର୍ଗ ଏବଂ ବହୁମୁଖୀ-ସଙ୍କଟ ପ୍ରଶମନ, ପ୍ରସ୍ତୁତି-କରଣ ଏବଂ ମୁକାବିଲା ପଦକ୍ଷେପ ସହିତ ସଂଶ୍ଳିଷ୍ଟ ଅନ୍ୟାନ୍ୟମାନଙ୍କ ସମେତ ପଣଧାରୀମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକୁ ପ୍ରୋତ୍ସାହିତ କରିବା ।

(ଜ) ଉପରୋକ୍ତ ଉଦ୍ଦେଶ୍ୟ ସାଧନକୁ ପ୍ରୋତ୍ସାହିତ କରିବାପାଇଁ ଦେଶ ଭିତରେ ଏବଂ ବାହାରେ ଅଧ୍ୟୟନ ପାଠ୍ୟକ୍ରମ, ସମ୍ମିଳନୀ, ବକ୍ତୃତା, ପାଠଚକ୍ରର ଦାୟିତ୍ୱ ବହନ, ସଙ୍ଗଠନ ଏବଂ ସୁବିଧା କରିବା ।

(ଝ) ପତ୍ରିକା, ଗବେଷଣା ସନ୍ଦର୍ଭ ଏବଂ ପୁସ୍ତକ ପ୍ରକାଶନ କରିପାରିବେ ଏବଂ ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକୁ ଅଗ୍ରସର କରାଇବା ନିମନ୍ତେ ପୁସ୍ତକାଳୟଗୁଡ଼ିକର ସ୍ଥାପନା ଏବଂ ସେଗୁଡ଼ିକର ରକ୍ଷାବେକ୍ଷଣ କରିବା ।

(ଞ) ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକର ପରିପୂର୍ତ୍ତି ନିମନ୍ତେ ଅନୁକୂଳ କିମ୍ବା ଆନୁଷଙ୍ଗିକ ଏପରି ସବୁ ଅନ୍ୟାନ୍ୟ ଆଇନସମ୍ମତ କାର୍ଯ୍ୟ କରିବା ।

(ଟ) କେନ୍ଦ୍ର ସରକାରଙ୍କଦ୍ୱାରା ତାଙ୍କୁ ଯେପରି କାର୍ଯ୍ୟ ଅର୍ପିତ ହେବ ସେପରି ଅନ୍ୟ କୌଣସି କାର୍ଯ୍ୟ କରିବା ।

**ଧାରା-୪୩: ଜାତୀୟ ଅନୁଷ୍ଠାନର ଅଧିକାରୀ ଏବଂ ଅନ୍ୟ କର୍ମଚାରୀମାନେ**
**(Officers and Other Employees of the National Institute) :**

କେନ୍ଦ୍ର ସରକାର, ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନକୁ, ଏପରି ଅଧିକାରୀ, ପରାମର୍ଶଦାତା ଏବଂ ଅନ୍ୟ କର୍ମଚାରୀ ଯୋଗାଇ ଦେବେ, ଯେପରି ଏହା ନିଜର କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକ ବିବେଚନା କରିବ ।

•

## ଅଷ୍ଟମ ଅଧ୍ୟାୟ

**(Chapter - VIII)**

# ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ

**(NATIONAL DISASTER RESPONSE FORCE)**

**ଧାରା-୪୪: ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ**

**(National Disaster Response Force) :**

(୧) ଏକ ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ବିଶେଷଜ୍ଞତା ପୂର୍ଣ୍ଣ ମୁକାବିଲା ଉଦ୍ଦେଶ୍ୟରେ ଏକ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ ଗଠନ କରାଯିବ ।

(୨) ଏହି ଅଧିନିୟମର ବ୍ୟବସ୍ଥାବଳୀ ସାପେକ୍ଷରେ, ଏପରି ବଳକୁ ଏପରି ଭାବରେ ଗଠନ କରାଯିବ ଏବଂ ଏପରି ବଳର ସଦସ୍ୟମାନଙ୍କର ସେବା ସ□ବଳୀ ସହିତ ତାଙ୍କର ଶୃଙ୍ଖଳାଗତ ବ୍ୟବସ୍ଥା ଏପରି ହେବ, ଯେପରି ତାହା ଧାର୍ଯ୍ୟ କରାଯିବ ।

**ଧାରା-୪୫: ନିୟନ୍ତ୍ରଣ, ନିର୍ଦ୍ଦେଶ ଇତ୍ୟାଦି (Control, Direction etc.) :**

ଏପରି ବଳର ତତ୍ତ୍ୱାବଧାନ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ, ଜାତୀୟ ପ୍ରାଧିକରଣ ଉପରେ ନ୍ୟସ୍ତ ହେବ ଏବଂ ଏହାଦ୍ୱାରା ପରିଚାଳିତ ହେବ, ଏବଂ ଏପରି ବଳ ଉପରେ ଆଦେଶ ଏବଂ ପର୍ଯ୍ୟବେକ୍ଷଣ, ଜଣେ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯିବ ଯିଏକି ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳର ମହାନିର୍ଦ୍ଦେଶକ ଭାବେ କେନ୍ଦ୍ର ସରକାରଙ୍କଦ୍ୱାରା ନିଯୁକ୍ତ ହେବେ ।

•

## ନବମ ଅଧ୍ୟାୟ

**(Chapter - IX)**

# ଅର୍ଥ, ହିସାବ ଏବଂ ସମୀକ୍ଷା

**(FINANCE, ACCOUNTS AND AUDIT)**

**ଧାରା-୪୬: ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି**

**(National Disaster Response Fund) :**

(୧) କେନ୍ଦ୍ର ସରକାର, ସରକାରୀ ରାଜପତ୍ରରେ ବିଜ୍ଞପ୍ତିଦ୍ୱାରା, କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟର ମୁକାବିଲା ପାଇଁ ଏକ ପାଣ୍ଠି ଗଠନ କରିବେ ଯାହାକି ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ରୂପେ ଅଭିହିତ ହେବ ଏବଂ ତହିଁରେ ନିମ୍ନମତେ ଅର୍ଥରାଶି ଜମା କରାଯିବ :–

(କ) ଏପରି ଅର୍ଥରାଶି ଯାହାକି କେନ୍ଦ୍ର ସରକାର, ପାର୍ଲିଆମେ□ଦ୍ୱାରା ଏ ସଂକ୍ରାନ୍ତରେ ଆଇନ୍‌ଦ୍ୱାରା ସମ୍ୟକ୍ ବିନିଯୋଗ ପରେ, ପ୍ରଦାନ କରିବେ ।

(ଖ) ବିପର୍ଯ୍ୟୟ ପରିଚାଳନା ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନଦ୍ୱାରା ପ୍ରଦ□କୌଣସି ଅନୁଦାନ ।

(୨) ଜାତୀୟ ପ୍ରାଧିକରଣ ସହିତ ପରାମର୍ଶକ୍ରମେ କେନ୍ଦ୍ର ସରକାରଙ୍କଦ୍ୱାରା ନିର୍ଦ୍ଧାରିତ ପଥ-ପ୍ରଦର୍ଶିକା ଅନୁସାରେ ଜରୁରୀ କାଳୀନ ମୁକାବିଲା, ସାହାଯ୍ୟ ଏବଂ ଥଇଥାନ ପାଇଁ ଖର୍ଚ୍ଚ ତୁଲାଇବା ବାବଦରେ ଆବେଦନ କ୍ରମେ ଜାତୀୟ କାର୍ଯ୍ୟନିର୍ବାହୀ କମିଟିକୁ ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଯୋଗାଇ ଦିଆଯିବ ।

**ଧାରା-୪୭: ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି**

**(National Disaster Mitigation Fund) :**

(୧) କେନ୍ଦ୍ର ସରକାର, ଏକାନ୍ତ ଭାବେ ପ୍ରଶମନ ଯୋଜନାଗୁଡ଼ିକ ନିମନ୍ତେ, ସରକାରୀ ରାଜପତ୍ରରେ ବିଜ୍ଞପ୍ତିଦ୍ୱାରା, ଏକ ପାଣ୍ଠି ଗଠନ କରିବେ ଯାହାକି ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ରୂପେ ଅଭିହିତ ହେବ ଏବଂ ସେଥିରେ ଏପରି ଅର୍ଥରାଶି ଜମା କରାଯିବ ଯେପରି କେନ୍ଦ୍ର ସରକାର, ଏ ସଂକ୍ରାନ୍ତରେ ପାର୍ଲିଆମେ□ଦ୍ୱାରା ବିଧିସମ୍ମତଭାବେ ଯଥାଯଥ ବିନିଯୋଗ ପରେ ଯୋଗାଇ ଦେବେ ।

(୨) ଜାତୀୟ ପ୍ରାଧିକରଣଦ୍ୱାରା, ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ନିମନ୍ତେ ଆବେଦନ କରାଯିବ ।

**ଧାରା-୪୮: ରାଜ୍ୟ ସରକାରଙ୍କଦ୍ୱାରା ପାଣ୍ଠିଗୁଡ଼ିକର ସ୍ଥାପନା**

**(Establishment of Funds by State Government) :**

(୧) ରାଜ୍ୟ ସରକାର, ରାଜ୍ୟ ପ୍ରାଧିକରଣ ଏବଂ ଜିଲ୍ଲା କର୍ତ୍ତୃପକ୍ଷଗୁଡ଼ିକର ଗଠନ ନିମନ୍ତେ ବିଜ୍ଞପ୍ତିଗୁଡ଼ିକର ଜାରି କରାଯିବାର ତତ୍‌କ୍ଷଣାତ୍ ପରେ, ଏହି ଅଧିନିୟମ ଉଦ୍ଦେଶ୍ୟରେ ନିମ୍ନୋକ୍ତ ପାଣ୍ଠିଗୁଡ଼ିକ ସ୍ଥାପନ କରିବେ, ଯଥା :–

(କ) ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ନାମରେ ଅଭିହିତ ଏକ ପାଣ୍ଠି ।

(ଖ) ଜିଲ୍ଲା ବିପର୍ଯ୍ୟୟ ମୁକାବିଲା ପାଣ୍ଠି ନାମରେ ଅଭିହିତ ଏକ ପାଣ୍ଠି ।

(ଗ) ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ନାମରେ ଅଭିହିତ ଏକ ପାଣ୍ଠି ।

(ଘ) ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ନାମରେ ଅଭିହିତ ଏକ ପାଣ୍ଠି ।

(୨) ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ ସ୍ଥାପିତ ପାଣ୍ଠିଗୁଡ଼ିକ :–

(i) ଉପଧାରା(୧)ର ଖଣ୍ଡ(କ) ଅନୁସାରେ ରାଜ୍ୟ କାର୍ଯ୍ୟନିର୍ବାହୀ କମିଟିକୁ ଉପଲବ୍ଧ ହୋଇଛି;

(ii) ଉପଧାରା(୧)ର ଉପ-ଖଣ୍ଡ(ଗ) ଅନୁସାରେ ରାଜ୍ୟ ପ୍ରାଧିକରଣକୁ ଉପଲବ୍ଧ ହୋଇଛି;

(iii) ଉପଧାରା(୧)ର ଖଣ୍ଡାବଳୀ(ଖ) ଓ (ଘ) ଅନୁସାରେ ଜିଲ୍ଲା ପ୍ରାଧିକରଣକୁ ଉପଲବ୍ଧ ହୋଇଛି ।

**ଧାରା-୪୯: ମନ୍ତ୍ରଣାଳୟଗୁଡ଼ିକ ଏବଂ ବିଭାଗଗୁଡ଼ିକଦ୍ୱାରା ପାଣ୍ଠିଗୁଡ଼ିକର ଆବଣ୍ଟନ**

**(Allocation of Funds by Ministries and Departments) :**

(୧) ଭାରତ ସରକାରଙ୍କ ପ୍ରତ୍ୟେକ ମନ୍ତ୍ରଣାଳୟ କିମ୍ବା ବିଭାଗ, ତାଙ୍କର ବିପର୍ଯ୍ୟୟ ପରିଚାଳନାରେ ଧାର୍ଯ୍ୟ କାର୍ଯ୍ୟକଳାପ ଏବଂ କାର୍ଯ୍ୟକ୍ରମ ପରିଚାଳନା ଉଦ୍ଦେଶ୍ୟରେ ପାଣ୍ଠିଗୁଡ଼ିକ ନିମନ୍ତେ ତାଙ୍କର ବାର୍ଷିକ ବଜେଟ୍‌ରେ ବ୍ୟବସ୍ଥା ଗ୍ରହଣ କରିବେ ।

(୨) ଉପଧାରା(୧)ର ବ୍ୟବସ୍ଥାବଳୀ, ଆବଶ୍ୟକ ପରିବର୍ତ୍ତନ ସହିତ, ରାଜ୍ୟ ସରକାରଙ୍କ ବିଭାଗଗୁଡ଼ିକ ପ୍ରତି ଲାଗୁ ହେବ ।

**ଧାରା-୫୦: ଜରୁରୀକାଳୀନ ସଂଗ୍ରହ ଏବଂ ହିସାବ**

**(Emergency Procurement and Accounting) :**

ଯେଉଁ କ୍ଷେତ୍ରରେ, କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟ କାରଣରୁ, ଯଦି ରାଜ୍ୟ ପ୍ରାଧିକରଣ କିମ୍ବା ଜିଲ୍ଲା ପ୍ରାଧିକରଣ ସନ୍ତୁଷ୍ଟ ହୁଅନ୍ତି ଯେ ଉଦ୍ଧାର କିମ୍ବା ସାହାଯ୍ୟ ନିମନ୍ତେ ଖାଦ୍ୟଦ୍ରବ୍ୟ କିମ୍ବା ସାମଗ୍ରୀର ତତ୍କାଳ ସଂଗ୍ରହ କିମ୍ବା ସମ୍ବଳର ତତ୍କାଳ ବିନିଯୋଗ ଆବଶ୍ୟକ ତେବେ,

(କ) ଏହା ସଂପୃକ୍ତ ବିଭାଗ କିମ୍ବା ପ୍ରାଧିକାରୀଙ୍କୁ ଜରୁରୀକାଳୀନ ସଂଗ୍ରହ ନିମନ୍ତେ ପ୍ରାଧିକୃତ କରିବେ ଏବଂ ଏପରିସ୍ଥଳେ, ନିବେଦ (tender) ଆହ୍ୱାନ କରାଯିବାପାଇଁ ଆବଶ୍ୟକ ପ୍ରଚଳିତ-ପଦ୍ଧତି ପ୍ରତ୍ୟାହୃତ କରାଯାଇଛି ବୋଲି ଧରି ନିଆଯିବ ।

(ଖ) ଯଥାସ୍ଥିତି, ଜାତୀୟ ପ୍ରାଧିକରଣ, ରାଜ୍ୟ ପ୍ରାଧିକରଣ କିମ୍ବା ଜିଲ୍ଲା ପ୍ରାଧିକରଣଙ୍କଦ୍ୱାରା କ୍ଷମତାପନ୍ନ ନିୟନ୍ତ୍ରଣକାରୀ ଅଧିକାରୀଙ୍କଦ୍ୱାରା ଖାଦ୍ୟଦ୍ରବ୍ୟ କିମ୍ବା ସାମଗ୍ରୀଗୁଡ଼ିକର ବିନିଯୋଗ ସମ୍ବନ୍ଧୀୟ ଏକ ପ୍ରମାଣପତ୍ର ଏକ ବୈଧ ଦଲିଲ କିମ୍ବା ଏପରି ଖାଦ୍ୟଦ୍ରବ୍ୟ କିମ୍ବା ସାମଗ୍ରୀଗୁଡ଼ିକର ଜରୁରୀ କାଳୀନ ସଂଗ୍ରହର ହିସାବ ଦୋରସ୍ତ ଭାଉଚର ରୂପେ ବିବେଚିତ ହେବ ।

•

## ଦଶମ ଅଧ୍ୟାୟ

**(Chapter - X)**

# ଅପରାଧ ଏବଂ ଦଣ୍ଡ

**(OFFENCES AND PENALTIES)**

**ଧାରା-୫୧: ବାଧାଦେବା ଇତ୍ୟାଦି ନିମନ୍ତେ ଦଣ୍ଡ**

**(Punishment for Obstruction etc.) :**

ଯଦି କୌଣସି ବ୍ୟକ୍ତି, ଯୁକ୍ତିଯୁକ୍ତ କାରଣ ବିନା –

(କ) କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କର କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କୁ, କିମ୍ବା ଜାତୀୟ ପ୍ରାଧିକରଣ କିମ୍ବା ରାଜ୍ୟ ପ୍ରାଧିକରଣ କିମ୍ବା ଜିଲ୍ଲା ପ୍ରାଧିକରଣଙ୍କ ଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତିଙ୍କୁ, ଏହି ଅଧିନିୟମ ଅନ୍ତର୍ଗତ ତାଙ୍କ କାର୍ଯ୍ୟ ନିର୍ବାହରେ ବାଧା ସୃଷ୍ଟି କରନ୍ତି; କିମ୍ବା

(ଖ) କିମ୍ବା କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର କିମ୍ବା ଜାତୀୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣ ତରଫରୁ କିମ୍ବା ଏହି ଅଧିନିୟମ ଅନୁସାରେ ଦିଆଯାଇଥିବା କୌଣସି ନିର୍ଦ୍ଦେଶକୁ ଅନୁପାଳନ କରିବାପାଇଁ ପ୍ରତ୍ୟାଖ୍ୟାନ କରନ୍ତି,

ତାହାହେଲେ ଦୋଷସିଦ୍ଧିରେ ସେ କାରାଦଣ୍ଡରେ ଦଣ୍ଡିତ ହେବେ ଯାହାର ସମୟସୀମା ଏକବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରିବ କିମ୍ବା ଜୋରିମାନା ଦଣ୍ଡରେ ଦଣ୍ଡିତ ହେବେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ଏବଂ ଯଦି ତାଙ୍କର ଏପରି ବାଧା ସୃଷ୍ଟି କିମ୍ବା ନିର୍ଦ୍ଦେଶାବଳୀ ଅନୁପାଳନ ନିମନ୍ତେ ପ୍ରତ୍ୟାଖ୍ୟାନ ପରିଣାମରୁ ଜୀବନହାନି ଘଟେ କିମ୍ବା ସେଥିପାଇଁ ଆସନ୍ନ ବିପଦ ସୃଷ୍ଟି କରେ ତେବେ ସେ ଦୋଷସିଦ୍ଧିରେ କାରାଦଣ୍ଡରେ ଦଣ୍ଡିତ ହେବେ ଯାହାର ସମୟସୀମା ଦୁଇବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇପାରିବ ।

**ଧାରା-୫୨: ମିଥ୍ୟା ଦାବି ନିମନ୍ତେ ଦଣ୍ଡ (Punishment for False Claim) :**

ଯଦି କୌଣସି ବ୍ୟକ୍ତି ମିଥ୍ୟା ବୋଲି ଜାଣିଶୁଣି କିମ୍ବା ନିଜ ଜ୍ଞାତସାରରେ ମିଥ୍ୟା ବୋଲି ଜାଣିବାର କାରଣ ଥାଇ, କୌଣସି ବିପର୍ଯ୍ୟୟର ପରିଣତି ସ୍ୱରୂପ, କେନ୍ଦ୍ର ସରକାର, ରାଜ୍ୟ ସରକାର, ଜାତୀୟ ପ୍ରାଧିକରଣ, ରାଜ୍ୟ ପ୍ରାଧିକରଣ କିମ୍ବା ଜିଲ୍ଲା ପ୍ରାଧିକରଣଙ୍କର କୌଣସି ଅଧିକାରୀଙ୍କଠାରୁ କୌଣସି ସାହାଯ୍ୟ, ସହାୟତା, ମରାମତି, ପୁନର୍ନିର୍ମାଣ କିମ୍ବା ଅନ୍ୟାନ୍ୟ ଫାଇଦାପାଇଁ ମିଥ୍ୟା ଦାବି କରେ, ତେବେ ଦୋଷସିଦ୍ଧିରେ ତାଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯିବ

ଯାହାର ସମୟସୀମା ଦୁଇବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ ଏବଂ ତାଙ୍କୁ ଜୋରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇପାରିବ ।

**ଧାରା-୫୩: ଅର୍ଥ କିମ୍ବା ସାମଗ୍ରୀ ଇତ୍ୟାଦିର ଆତ୍ମସାତ୍କରଣ ନିମନ୍ତେ ଦଣ୍ଡ (Punishment for Misappropriation of Money and Materials etc.) :**

ଯଦି କୌଣସି ବ୍ୟକ୍ତି, ତାଙ୍କ ଉପରେ ନ୍ୟସ୍ତ କରାଯାଇଥିବା କୌଣସି ଅର୍ଥ କିମ୍ବା ସାମଗ୍ରୀର ଦାୟିତ୍ୱରେ ଥାଇ କିମ୍ବା ଅନ୍ୟଥା କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟରେ ସାହାଯ୍ୟ ଯୋଗାଣ ନିମନ୍ତେ ଉଦ୍ଦିଷ୍ଟ ତାଙ୍କ ହେପାଜତ୍ କିମ୍ବା ଦାୟିତ୍ୱରେ ଥିବା କୌଣସି ଅର୍ଥ କିମ୍ବା ସାମଗ୍ରୀକୁ ଆତ୍ମସାତ୍ କରନ୍ତି କିମ୍ବା ଏପରି ଅର୍ଥ କିମ୍ବା ସାମଗ୍ରୀକୁ ନିଜ ବ୍ୟବହାରରେ ଲଗାନ୍ତି କିମ୍ବା ଏପରି ଅର୍ଥ କିମ୍ବା ସାମଗ୍ରୀ କିମ୍ବା ତାହାର କୌଣସି ଅଂଶକୁ ଖଲାସ କରିଦିଅନ୍ତି କିମ୍ବା ଇଚ୍ଛାକୃତ ଭାବରେ ଏପରି କରିବାପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ବାଧ୍ୟ କରନ୍ତି, ତେବେ ଦୋଷସିଦ୍ଧିରେ ତାଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯିବ ଯାହାର ସମୟସୀମା ଦୁଇବର୍ଷ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇପାରିବ ଏବଂ ତାଙ୍କୁ ଜୋରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇପାରିବ ।

**ଧାରା-୫୪: ମିଥ୍ୟା ସତର୍କତା ନିମନ୍ତେ ଦଣ୍ଡ (Punishment for False Warning) :**

ଯଦି କୌଣସି ବ୍ୟକ୍ତି, ବିପର୍ଯ୍ୟୟ କିମ୍ବା ଏହାର ପ୍ରଚଣ୍ଡତା କିମ୍ବା ବିଶାଳତା ଯାହାକି ଆତଙ୍କ ସୃଷ୍ଟି କରିବ ସେପରି ମିଥ୍ୟା ସତର୍କତା-ସଙ୍କେତ କିମ୍ବା ଚେତାବନୀ ପ୍ରଦାନ କରନ୍ତି କିମ୍ବା ପ୍ରଚାର କରନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯିବ ଯାହାର ସମୟସୀମା ଏକବର୍ଷ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇପାରିବ କିମ୍ବା ତାଙ୍କୁ ଜୋରିମାନାରେ ମଧ୍ୟ ଦଣ୍ଡିତ କରାଯାଇପାରିବ ।

**ଧାରା-୫୫: ସରକାରୀ ବିଭାଗଗୁଡ଼ିକ ଦ୍ୱାରା ଅପରାଧ (Offences by Departments of the Government) :**

(୧) ଯେଉଁ କ୍ଷେତ୍ରରେ ଏହି ଅଧିନିୟମ ଅନ୍ତର୍ଗତ କୌଣସି ଅପରାଧ, ସରକାରଙ୍କର କୌଣସି ବିଭାଗଦ୍ୱାରା ସଂଘଟିତ ହୁଏ ସେପରି ସ୍ଥଳେ ବିଭାଗୀୟ ମୁଖ୍ୟ ଉକ୍ତ ଅପରାଧରେ ଦୋଷୀ ବୋଲି ଧରାଯିବ ଏବଂ ତଦନୁଯାୟୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଯଦି ସେ ପ୍ରମାଣିତ ନ କରନ୍ତି ଯେ ଏପରି ଅପରାଧ ତାଙ୍କ ବିନା ଜ୍ଞାତସାରରେ ସଂଘଟିତ ହୋଇଛି କିମ୍ବା ଏପରି ଅପରାଧର ନିବାରଣ ପାଇଁ ସେ ସବୁ ପ୍ରକାରର ଉଦ୍ୟମ କରିଥିଲେ ।

(୨) ଉପ-ଧାରା(୧) ନିହିତ କୌଣସି ବିଷୟରେ ଆ□ନ ଆଣି, ସରକାରଙ୍କ କୌଣସି ବିଭାଗଦ୍ୱାରା କୌଣସି ଅପରାଧ ସଂଘଟିତ ହୋଇଥାଏ ଏବଂ ଏହା ପ୍ରମାଣିତ ହୁଏ

ଯେ ବିଭାଗୀୟ ମୁଖ୍ୟଙ୍କ ସହିତ କୌଣସି ଅଧିକାରୀଙ୍କ ସମ୍ମତି କିମ୍ବା ସଲାସୁତରାରେ କିମ୍ବା ଉକ୍ତ ଅଧିକାରୀଙ୍କ ଅବହେଳା ଯୋଗୁଁ ଏପରି ଘଟିଛି, ତେବେ ଉକ୍ତ ଅଧିକାରୀଙ୍କୁ ଉକ୍ତ ଅପରାଧରେ ଦୋଷୀ ବୋଲି ଧରାଯିବ ଏବଂ ତଦନୁଯାୟୀ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ତାଙ୍କୁ ଦଣ୍ଡିତ କରାଯିବ ।

**ଧାରା-୫୬: ଅଧିକାରୀଙ୍କ କର୍ତ୍ତବ୍ୟରେ ବିଫଳତା କିମ୍ବା ଏହି ଅଧିନିୟମର ବ୍ୟବସ୍ଥାବଳୀର ଉଲ୍ଲଂଘନରେ ତାଙ୍କର ଭିତିରି ସହଯୋଗ (Failure of Officer in Duty or his Connivance at the Contravention of the Provisions of this Act) :**

କୌଣସି ଅଧିକାରୀ, ଯାହାଙ୍କ ଉପରେ, ଏହି ଅଧିନିୟମ ଅନ୍ତର୍ଗତ କୌଣସି କର୍ତ୍ତବ୍ୟ ଲଦି ଦିଆଯାଇଛି ଏବଂ ଯଦି ସେ ତାଙ୍କ କର୍ତ୍ତବ୍ୟ ସଂପାଦନରୁ ବିରତ ହୁଅନ୍ତି କିମ୍ବା ପ୍ରତ୍ୟାଖ୍ୟାନ କରନ୍ତି କିମ୍ବା ନିଜ କାର୍ଯ୍ୟାଳୟଗତ କର୍ତ୍ତବ୍ୟରୁ ନିଜକୁ ପ୍ରତ୍ୟାହୃତ କରିନିଅନ୍ତି, ତାହାହେଲେ ଏଥିପାଇଁ ସେ ଯଦି ତାଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କଠାରୁ ଲିଖିତ ଅନୁମତି ନେଇ ନ ଥାଆନ୍ତି କିମ୍ବା ଏପରି କରିବାପାଇଁ ଅଧିନିୟମରେ ତାଙ୍କୁ ଆଇନସମ୍ମତ କ୍ଷମା ଦେବାରେ ଯଦି ବ୍ୟବସ୍ଥା ନଥାଏ, ତେବେ ତାଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯିବ ଯାହାର ସମୟସୀମାକୁ ଏକବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ କିମ୍ବା ତାଙ୍କୁ କାରାଦଣ୍ଡ ସହିତ ଜୋରିମାନା ଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇପାରିବ ।

**ଧାରା-୫୭: ବରାଦ ସଂକ୍ରାନ୍ତୀୟ କୌଣସି ଆଦେଶ ଉଲ୍ଲଂଘନ ପାଇଁ ଦଣ୍ଡ (Penalty for Contravention Any Order Regarding Requisition) :**

ଯଦି କୌଣସି ବ୍ୟକ୍ତି ୬୫ ଧାରା ଅନୁସାରେ ପ୍ରଦତ୍ତ କୌଣସି ଆଦେଶର ଉଲ୍ଲଂଘନ କରନ୍ତି ତେବେ ତାଙ୍କୁ କାରାଦଣ୍ଡରେ ଦଣ୍ଡିତ କରାଯିବ ଯାହାର ସମୟସୀମା ଏକବର୍ଷ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ କିମ୍ବା ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯାଇପାରିବ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରିବ ।

**ଧାରା-୫୮: କମ୍ପାନୀଗୁଡ଼ିକଦ୍ୱାରା ଅପରାଧ (Offence by Companies) :**

(୧) ଯେଉଁ କ୍ଷେତ୍ରରେ ଏହି ଅଧିନିୟମ ଅନ୍ତର୍ଗତ କୌଣସି ଅପରାଧ କୌଣସି କମ୍ପାନୀ କିମ୍ବା ନିଗମ ନିକାୟ ଦ୍ୱାରା ସଂଘଟିତ ହୋଇଥାଏ, ସେପରିସ୍ଥଳେ ପ୍ରତ୍ୟେକ ବ୍ୟକ୍ତି, ଏହି ଅପରାଧ ସଂଘଟିତ ହେବାବେଳେ, ଯେଉଁ କମ୍ପାନୀର କାର୍ଯ୍ୟ ପରିଚାଳନା ପ୍ରତି ଏବଂ କମ୍ପାନୀ ପ୍ରତି ଦାୟୀ ଥାଆନ୍ତି, ସେମାନେ ଏପରି ଉଲ୍ଲଂଘନ ନିମନ୍ତେ ଦୋଷୀ ବୋଲି ଧରାଯିବେ ଏବଂ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ତାଙ୍କୁ ତଦନୁଯାୟୀ ଦଣ୍ଡିତ କରାଯିବ :

ପରନ୍ତୁ ଏହି ଉପ-ଧାରାରେ ସେପରି କିଛି ନାହିଁ ଯାହାକି ଏପରି କୌଣସି ବ୍ୟକ୍ତିଙ୍କୁ ଏହି ଅଧିନିୟମରେ ବ୍ୟବସ୍ଥିତ କୌଣସି ଦଣ୍ଡପାଇଁ ଦାୟୀ କରିବ, ଯଦି ସେ ପ୍ରମାଣିତ କରନ୍ତି ଯେ ତାଙ୍କର ବିନା ଜ୍ଞାତସାରରେ ଏପରି ଅପରାଧ ସଂଘଟିତ ହୋଇଛି କିମ୍ବା ସେ ଏପରି ଅପରାଧ ସଂଘଟଣକୁ ନିବାରଣ କରିବା ନିମନ୍ତେ ଯଥାଯଥ ଉଦ୍ୟମ କରିଥିଲେ ।

(୨) ଉପଧାରା(୧)ରେ ନିହିତ କୌଣସି ବ୍ୟବସ୍ଥା ସତ୍ତ୍ୱେ, ଯେଉଁ କ୍ଷେତ୍ରରେ ଏହି ଅଧିନିୟମ ଅନ୍ତର୍ଗତ କୌଣସି ଅପରାଧ କୌଣସି କମ୍ପାନୀଦ୍ୱାରା ସଂଘଟିତ ହୋଇଥାଏ ଏବଂ ପ୍ରମାଣିତ ହୁଏ ଯେ କମ୍ପାନୀର କୌଣସି ନିର୍ଦ୍ଦେଶକ, ପରିଚାଳକ, ସମ୍ପାଦକ କିମ୍ବା ଅନ୍ୟାନ୍ୟ ଅଧିକାରୀଙ୍କ ସହମତି କିମ୍ବା ସଲାସୁତରା ଯୋଗୁଁ କିମ୍ବା ତାଙ୍କର କୌଣସି ଅବହେଳା କାରଣରୁ ଅପରାଧ ସଂଘଟିତ ହୋଇଥାଏ, ତେବେ ଏପରି ନିର୍ଦ୍ଦେଶକ, ପରିଚାଳକ, ସମ୍ପାଦକ କିମ୍ବା ଅନ୍ୟାନ୍ୟ ଅଧିକାରୀ ମଧ୍ୟ ସେହି ଅପରାଧରେ ଦୋଷୀ ବୋଲି ଧରାଯିବେ ଏବଂ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ସେମାନେ ତଦନୁଯାୟୀ ଦଣ୍ଡିତ ହେବେ ।

**ସ୍ପଷ୍ଟୀକରଣ (Explanation) :**

ଏହି ଧାରା ଉଦ୍ଦେଶ୍ୟରେ :

**(କ) କମ୍ପାନୀ (Company)**ର ଅର୍ଥ ହେଉଛି କୌଣସି ନିଗମ ନିକାୟ ଏବଂ କୌଣସି ଫାର୍ମ କିମ୍ବା ବ୍ୟକ୍ତିମାନଙ୍କର ଅନ୍ୟ କୌଣସି ସଂଘକୁ ଅନ୍ତର୍ଭୁକ୍ତ କରିବ;

**(ଖ) ନିର୍ଦ୍ଦେଶ (Director)**, ଏବଂ କୌଣସି ଫାର୍ମ ସମ୍ବନ୍ଧରେ ଉକ୍ତ ଫାର୍ମର ଜଣେ ଅଂଶୀଦାରଙ୍କୁ ଅନ୍ତର୍ଭୁକ୍ତ କରିବ ।

**ଧାରା-୫୯: ଅଭିଯୋଜନ ନିମନ୍ତେ ପୂର୍ବ ମଞ୍ଜୁରୀ**

**(Previous Sanction for Prosecution) :**

ଧାରା ୫୫ ଏବଂ ୫୬ ଅନୁସାରେ ଦଣ୍ଡନୀୟ ଅପରାଧଗୁଡ଼ିକ ନିମନ୍ତେ ଅଭିଯୋଜନ, ଯଥାସ୍ଥିତି, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର କିମ୍ବା ସେହି ସରକାରଙ୍କ ଦ୍ୱାରା ସେଥିନିମନ୍ତେ ପ୍ରାଧିକୃତ କୌଣସି ଅଧିକାରୀଙ୍କର ପୂର୍ବ ମଞ୍ଜୁରୀ ବିନା, ରଜୁ କରାଯାଇପାରିବ ନାହିଁ ।

**ଧାରା-୬୦: ଅପରାଧଗୁଡ଼ିକର ସଂଜ୍ଞାନ (Cognizance of Offences) :**

ନିମ୍ନୋକ୍ତଙ୍କ ଦ୍ୱାରା ଫରିଆଦ ବ୍ୟତୀତ କୌଣସି ଅଦାଲତ ଏହି ଅଧିନିୟମ ଅନ୍ତର୍ଗତ କୌଣସି ଅପରାଧର ସଂଜ୍ଞାନ ଗ୍ରହଣ କରିବେ ନାହିଁ :–

(କ) ଜାତୀୟ ପ୍ରାଧିକରଣ, ରାଜ୍ୟ ପ୍ରାଧିକରଣ, କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲ୍ଲା ପ୍ରାଧିକରଣ କିମ୍ବା ଯଥାସ୍ଥିତି, ସେହି ପ୍ରାଧିକରଣ କିମ୍ବା ସରକାରଙ୍କଦ୍ୱାରା ଏ ସଂକ୍ରାନ୍ତରେ ପ୍ରାଧିକୃତ ଅନ୍ୟ କୌଣସି ପ୍ରାଧିକାରୀ କିମ୍ବା ଅଧିକାରୀ; କିମ୍ବା

(ଖ) କୌଣସି ବ୍ୟକ୍ତି ଯିଏକି ଆରୋପିତ ଅପରାଧ ସଂକ୍ରାନ୍ତରେ ନିର୍ଦ୍ଧାରିତ ରୀତିରେ ଅନ୍ୟୂନ ତିରିଶ ଦିନର ନୋଟିସ୍ ପ୍ରଦାନ କରିଛନ୍ତି ଏବଂ ଜାତୀୟ ପ୍ରାଧିକରଣ, ରାଜ୍ୟ ପ୍ରାଧିକରଣ, କେନ୍ଦ୍ର ସରକାର, ରାଜ୍ୟ ସରକାର, ଜିଲ୍ଲା ପ୍ରାଧିକରଣ କିମ୍ବା ଉପରୋକ୍ତ ମତେ ପ୍ରାଧିକୃତ ଅନ୍ୟ କୌଣସି ପ୍ରାଧିକରଣ କିମ୍ବା ଅଧିକାରୀଙ୍କୁ ତାଙ୍କର ଏକ ଫରିଆଦ କରିବାର ଅଭିପ୍ରାୟ ସମ୍ବନ୍ଧରେ ଅବଗତ କରିଛନ୍ତି ।

•

## ଏକାଦଶ ଅଧ୍ୟାୟ

**(Chapter - XI)**

# ବିବିଧ

**(MISCELLANEOUS)**

**ଧାରା-୬୧: ପକ୍ଷପାତ ବିରୁଦ୍ଧରେ ନିଷେଧ (Prohibition Against Discrimination) :**

ବିପର୍ଯ୍ୟୟରେ ଉତ୍ପୀଡ଼ିତମାନଙ୍କୁ କ୍ଷତିପୂରଣ କିମ୍ବା ସାହାଯ୍ୟ ଯୋଗାଇ ଦେବା ବେଳେ ଲିଙ୍ଗ, ଜାତି, ସମ୍ପ୍ରଦାୟ, ବଂଶ କିମ୍ବା ଧର୍ମଗତ କାରଣରୁ କୌଣସି ପକ୍ଷପାତ କରାଯିବ ନାହିଁ ।

**ଧାରା-୬୨: କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଦେଶ ଜାରି କରିବାର କ୍ଷମତା**

**(Power to Issue Direction by Central Government) :**

ତତ୍କାଳୀନ ବଳବତ୍ତର ଥିବା ଅନ୍ୟ କୌଣସି ଆଇନ୍‌ରେ ଯାହା କିଛି ବ୍ୟବସ୍ଥା ନିହିତ ଥିବା ସତ୍ତ୍ୱେ, ବିପର୍ଯ୍ୟୟ ପରିଚାଳନାରେ ସୁବିଧା କରିବା କିମ୍ବା ସାହାଯ୍ୟ କରିବା ନିମନ୍ତେ, କେନ୍ଦ୍ର ସରକାରଙ୍କ ଦ୍ୱାରା, ଭାରତ ସରକାରଙ୍କ ମନ୍ତ୍ରଣାଳୟ କିମ୍ବା ବିଭାଗଗୁଡ଼ିକୁ କିମ୍ବା ଜାତୀୟ କାର୍ଯ୍ୟନିର୍ବାହୀ କମିଟିକୁ କିମ୍ବା ରାଜ୍ୟ ସରକାର, ରାଜ୍ୟ ପ୍ରାଧିକରଣ, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି, ବୈଧ ନିକାୟ କିମ୍ବା ଯଥାସ୍ଥିତି, ଏଗୁଡ଼ିକର କୌଣସି ଅଧିକାରୀ କିମ୍ବା କର୍ମଚାରୀମାନଙ୍କୁ ଲିଖିତ ଭାବେ ନିର୍ଦ୍ଦେଶ ଜାରି କରିବା ଆଇନସମ୍ମତ ହେବ ଏବଂ ଏପରି ମନ୍ତ୍ରଣାଳୟ କିମ୍ବା ବିଭାଗ କିମ୍ବା ସରକାର କିମ୍ବା ପ୍ରାଧିକରଣ, କାର୍ଯ୍ୟନିର୍ବାହୀ କମିଟି, ବୈଧ ନିକାୟ, ଅଧିକାରୀ କିମ୍ବା କର୍ମଚାରୀ ଏପରି ନିର୍ଦ୍ଦେଶକୁ ଅନୁପାଳନ କରିବାପାଇଁ ବାଧ ରହିବେ ।

**ଧାରା-୬୩: ଉଦ୍ଧାର କାର୍ଯ୍ୟ ପରିଚାଳନା ନିମନ୍ତେ କ୍ଷମତା ଉପଲବ୍ଧ ହେବ**

**(Powers to be Made Available for Rescue Operation) :**

ସଂଘ କିମ୍ବା ଏକ ରାଜ୍ୟର କୌଣସି ଅଧିକାରୀ କିମ୍ବା ପ୍ରାଧିକରଣକୁ ଯେତେବେଳେ ଜାତୀୟ କାର୍ଯ୍ୟନିର୍ବାହୀ କମିଟି, କୌଣସି ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣ କିମ୍ବା ଏ ସଂକ୍ରାନ୍ତରେ ଏପରି କମିଟି କିମ୍ବା ପ୍ରାଧିକରଣ ଦ୍ୱାରା ପ୍ରାଧିକୃତ କୌଣସି ବ୍ୟକ୍ତି ଅନୁରୋଧ କରିବେ, ସେତେବେଳେ ବିପର୍ଯ୍ୟୟର ନିବାରଣ କିମ୍ବା ପ୍ରଶମନ କିମ୍ବା ଉଦ୍ଧାର କିମ୍ବା ସାହାଯ୍ୟ କାର୍ଯ୍ୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟ ସମ୍ପାଦନ ନିମନ୍ତେ, ସେହି କମିଟି କିମ୍ବା ପ୍ରାଧିକରଣ କିମ୍ବା ବ୍ୟକ୍ତିଙ୍କୁ, ତାଙ୍କ ଅନୁରୋଧ ଅନୁସାରେ ଏପରି ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଉପଲବ୍ଧ କରାଇବେ ।

**ଧାରା-୬୪: କେତେକ ପରିସ୍ଥିତିରେ ନିୟମାବଳୀ ଇତ୍ୟାଦି ପ୍ରଣୟନ କରିବା ଏବଂ ତହିଁର ସଂଶୋଧନ କରିବା (Making or Amending Rules etc. in Certain Circumstances) :**

ଏହି ଅଧିନିୟମର ବ୍ୟବସ୍ଥାବଳୀ ସାପେକ୍ଷରେ, ଯଦି ଯଥାସ୍ଥିତି ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣଙ୍କୁ ପ୍ରତୀତ ହୁଏ ଯେ ବିପର୍ଯ୍ୟୟଗୁଡ଼ିକର ନିବାରଣ କିମ୍ବା ତହିଁର ପ୍ରଶମନ ଉଦ୍ଦେଶ୍ୟରେ, ଯଥାସ୍ଥିତି କୌଣସି ନିୟମ, ବିନିୟମନ, ବିଜ୍ଞପ୍ତି, ପଥ-ପ୍ରଦର୍ଶିକା, ଅନୁଦେଶ, ଆଦେଶ, ପରିକଳ୍ପନା କିମ୍ବା ଉପ-ବିଧି ପ୍ରଣୟନ କରାଯିବା କିମ୍ବା ସଂଶୋଧିତ ହେବା ଦରକାର, ତେବେ ସେହି ଉଦ୍ଦେଶ୍ୟରେ ସେପରି ନିୟମାବଳୀ, ବିନିୟମନ, ବିଜ୍ଞପ୍ତି, ପଥ-ପ୍ରଦର୍ଶିକା, ଅନୁଦେଶ, ଆଦେଶ, ପରିକଳ୍ପନା କିମ୍ବା ଉପ-ବିଧିର ସଂଶୋଧନ ଆବଶ୍ୟକ କରିବେ ଏବଂ ସମୁଚିତ ବିଭାଗ କିମ୍ବା ପ୍ରାଧିକରଣ ଏହି ଆବଶ୍ୟକତାର ଅନୁପାଳନ ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।

**ଧାରା-୬୫: ଉଦ୍ଧାର କାର୍ଯ୍ୟ ଇତ୍ୟାଦି ନିମନ୍ତେ ସମ୍ବଳ, ଖାଦ୍ୟଦ୍ରବ୍ୟ, ଯାନବାହନ ଇତ୍ୟାଦିର ବରାଦ ନିମନ୍ତେ କ୍ଷମତା (Power of Requisition of Resources, Provisions, Vehicles etc. for Rescue Operation etc.) :**

(୧) ଯଦି ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣଙ୍କୁ କିମ୍ବା ଏ ସଂକ୍ରାନ୍ତରେ ଏପରିଭାବେ ପ୍ରାଧିକୃତ କୌଣସି ଅଧିକାରୀଙ୍କୁ ଏହା ପ୍ରତୀତ ହୁଏ ଯେ :-

(କ) ତୁରନ୍ତ ମୁକାବିଲା ଉଦ୍ଦେଶ୍ୟରେ କୌଣସି ପ୍ରାଧିକାରୀ କିମ୍ବା ବ୍ୟକ୍ତିଙ୍କ ନିକଟରେ ଥିବା ସମ୍ବଳ ଦରକାର;

(ଖ) ଉଦ୍ଧାର କାର୍ଯ୍ୟ ପରିଚାଳନା ଉଦ୍ଦେଶ୍ୟରେ କୌଣସି ପରିସର ଦରକାର କିମ୍ବା ଦରକାରର ସମ୍ଭାବନା ଅଛି; କିମ୍ବା

(ଗ) ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରୁ ସମ୍ବଳ ପରିବହନ କିମ୍ବା ପ୍ରଭାବିତ ଅଞ୍ଚଳକୁ ସମ୍ବଳ ପରିବହନ କିମ୍ବା ଉଦ୍ଧାର, ଥଇଥାନ କିମ୍ବା ପୁନର୍ନିର୍ମାଣ ସମ୍ବନ୍ଧୀୟ ପରିବହନ ଉଦ୍ଦେଶ୍ୟରେ କୌଣସି ଯାନବାହନ ଦରକାର କିମ୍ବା ଦରକାରର ସମ୍ଭାବନା ଅଛି;

ଏପରି ପ୍ରାଧିକାରୀ, ଲିଖିତ ଆଦେଶ ଦ୍ୱାରା, ଯଥାସ୍ଥିତି, ଏପରି ସମ୍ବଳ କିମ୍ବା ପରିସର କିମ୍ବା ଏପରି ଯାନବାହନ ବରାଦ କରିବେ ଏବଂ ବରାଦ କରିବା ସମ୍ବନ୍ଧରେ ତାଙ୍କୁ ଆବଶ୍ୟକ କିମ୍ବା ସମୟୋଚିତ ପ୍ରତୀତ ହେଲେ ସେ ଏପରି ଆହୁରି ଅଧିକ ଆଦେଶମାନ ପ୍ରଦାନ କରିପାରିବେ ।

(୨) ଯେତେବେଳେ ଉପଧାରା(୧) ଅନୁସାରେ କୌଣସି ସମ୍ବଳ, ପରିସର କିମ୍ବା ଯାନବାହନ ବରାଦ କରାଯାଇଥିବ, ଏପରି ବରାଦର ସମୟସୀମା, ସେହି ଉପ-ଧାରାରେ ଉଲ୍ଲିଖିତ କୌଣସି ଉଦ୍ଦେଶ୍ୟ ନିମନ୍ତେ ଆବଶ୍ୟକ ହେଉଥିବା ଏପରି ସମ୍ବଳ, ପରିସର କିମ୍ବା ଯାନବାହନର ଏପରି ବରାଦର ସମୟସୀମାର ଆବଶ୍ୟକତା ବାହାରେ ସଂପ୍ରସାରିତ କରାଯାଇପାରିବ ନାହିଁ ।

(୩) ଏହି ଧାରାରେ :–

**(କ)** **'ସମ୍ବଳ'** ମାନବ ଏବଂ ସାମଗ୍ରୀ ସମ୍ବଳକୁ ଅନ୍ତର୍ଭୁକ୍ତ କରେ;

**(ଖ)** **'ସେବା'** ସୁବିଧାକୁ ଅନ୍ତର୍ଭୁକ୍ତ କରେ;

**(ଗ)** **'ପରିସର'**ର ଅର୍ଥ ହେଉଛି କୌଣସି ଜମି, ଅଟ୍ଟାଳିକା କିମ୍ବା ଏକ ଅଟ୍ଟାଳିକାର ଅଂଶ ଏବଂ ଏକ କୁଡ଼ିଆ, ଚାଳିଆ ଛପର ଘର କିମ୍ବା ଅନ୍ୟାନ୍ୟ ନିର୍ମାଣ କିମ୍ବା ତହିଁର କୌଣସି ଅଂଶକୁ ଅନ୍ତର୍ଭୁକ୍ତ କରିବ;

**(ଘ)** **'ଯାନବାହନ'**ର ଅର୍ଥ ହେଉଛି ଯାନ୍ତ୍ରିକ ଶକ୍ତି ହେଉ କିମ୍ବା ଅନ୍ୟଥା ପରିଚାଳିତ ପରିବହନ ଉଦ୍ଦେଶ୍ୟରେ ବ୍ୟବହୃତ କିମ୍ବା ବ୍ୟବହାର ହେବାକୁ ସକ୍ଷମ କୌଣସି ଯାନବାହନ ।

**ଧାରା-୬୬: କ୍ଷତିପୂରଣ ପ୍ରଦାନ (Payment of Compensation) :**

(୧) ଯେଉଁ କ୍ଷେତ୍ରରେ ୬୫ ଧାରାର ଉପଧାରା(୧)ରେ ସୂଚିତ କୌଣସି କମିଟି, ପ୍ରାଧିକରଣ କିମ୍ବା ଅଧିକାରୀ, ଉକ୍ତ ଧାରା ଅନୁଯାୟୀ କୌଣସି ପରିସରର ବରାଦ କରନ୍ତି, ସେପରିସ୍ଥଳେ ଉତ୍ସୁକ ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ, ଯାହାର ଅର୍ଥରାଶି, ନିମ୍ନୋକ୍ତ ବିଷୟକୁ ବିବେଚନାକୁ ନେଇ ନିର୍ଦ୍ଧାରଣ କରାଯିବ, ଯଥା :–

(୧) ପରିସର ସମ୍ବନ୍ଧରେ ପ୍ରଦାନ କରାଯାଉଥିବା ଭଡ଼ା କିମ୍ବା ଯଦି ଏପରି ଭଡ଼ା ପ୍ରଦାନ କରାଯାଉ ନ ଥାଏ, ତେବେ ସ୍ଥାନୀୟ ଅଞ୍ଚଳରେ ସେହିପରି ପରିଶ୍ରମ ନିମନ୍ତେ ପ୍ରଦାନ କରାଯାଉଥିବା ଭଡ଼ା;

(୨) ଯଦି ପରିସର ବରାଦର ପରିଣାମରୁ ଉତ୍ସୁକ ବ୍ୟକ୍ତି ତାଙ୍କ ବାସଗୃହ କିମ୍ବା ବ୍ୟବସାୟସ୍ଥଳୀ ପରିବର୍ତ୍ତନ କରିବାକୁ ବାଧ ହୁଅନ୍ତି, ତେବେ ଏପରି ପରିବର୍ତ୍ତନ ପାଇଁ (ଯଦି କୌଣସି) ଯଥୋଚିତ ଖର୍ଚ୍ଚା :

ପରନ୍ତୁ ଯେଉଁ କ୍ଷେତ୍ରରେ କୌଣସି ଉତ୍ସୁକ ବ୍ୟକ୍ତି ଏପରି ନିର୍ଦ୍ଧାରିତ କ୍ଷତିପୂରଣ ଅର୍ଥରାଶିଦ୍ୱାରା କ୍ଷୁବ୍ଧ ହୋଇ ତିରିଶ ଦିନ ମଧ୍ୟରେ, ଯଥାସ୍ଥିତି, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କୁ ବିଷୟଟିକୁ ଜଣେ ମଧ୍ୟସ୍ଥଙ୍କ ନିକଟକୁ ବିଚାରାର୍ଥେ ପ୍ରେରଣ କରିବାପାଇଁ ଆବେଦନ କରନ୍ତି, ତେବେ ଏ ସଂକ୍ରାନ୍ତରେ ଯଥାସ୍ଥିତି, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାର, ଯେଉଁ

ମଧ୍ୟସ୍ଥଙ୍କୁ ନିଯୁକ୍ତ କରିବେ ତାଙ୍କର ନିର୍ଦ୍ଧାରଣମତେ ସେପରି କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରାଯିବ :

ପରନ୍ତୁ ଅଧିକନ୍ତୁ ଯେଉଁ କ୍ଷେତ୍ରରେ କ୍ଷତିପୂରଣ ଗ୍ରହଣ କରିବାପାଇଁ ମାଲିକାନା ସମ୍ବନ୍ଧରେ କୌଣସି ବିବାଦ ଥାଏ କିମ୍ବା କ୍ଷତିପୂରଣ ଅର୍ଥରାଶିର ଆବ□ନକୁ ନେଇ କୌଣସି ବିବାଦ ଥାଏ, ଯଦି, ଯଥାସ୍ଥିତି, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କଦ୍ୱାରା ଏହାକୁ ବିଚାରାର୍ଥେ, ଯଥାସ୍ଥିତି, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଏ ସଂକ୍ରାନ୍ତରେ ନିଯୁକ୍ତ ଏକ ମଧ୍ୟସ୍ଥଙ୍କ ନିକଟକୁ ନିର୍ଦ୍ଧାରଣ ପାଇଁ ପ୍ରେରଣ କରାଯାଏ, ତେବେ ଏପରି ମଧ୍ୟସ୍ଥଙ୍କ ନିଷ୍ପ□ଅନୁସାରେ ତାହା ନିର୍ଦ୍ଧାରିତ ହେବ ।

**ସ୍ପଷ୍ଟୀକରଣ (Explanation) :**

ଏହି ଉପ-ଧାରାରେ ପଦସଂହତି **'ଉତ୍ସୁକ ବ୍ୟକ୍ତି'**ର ଅର୍ଥ ହେଉଛି ୬୫ ଧାରା ଅନୁସାରେ ବରାଦ କରାଯାଇଥିବା ପରିସରର ଠିକ୍ ବରାଦ ପୂର୍ବରୁ ପ୍ରକୃତ ଦଖଲରେ ଥିବା ବ୍ୟକ୍ତି କିମ୍ବା ଯେଉଁ କ୍ଷେତ୍ରରେ ଏପରି ପ୍ରକୃତ ଦଖଲରେ କୌଣସି ବ୍ୟକ୍ତି ନ ଥାଆନ୍ତି, ଏପରି ପରିସରର ମାଲିକ ।

(୨) ଯେତେବେଳେ ୬୫ ଧାରାର ଉପଧାରା(୧)ରେ ଉଲ୍ଲିଖିତ କୌଣସି କମିଟି, ପ୍ରାଧିକରଣ କିମ୍ବା ଅଧିକାରୀ, ସେହି ଧାରା ଅନୁଯାୟୀ, କୌଣସି ଯାନବାହକୁ ବରାଦ କରିଥାଆନ୍ତି, ସେପରି ସ୍ଥଳେ ତା'ର କ୍ଷତିପୂରଣ ତା'ର ମାଲିକଙ୍କୁ ପ୍ରଦାନ କରାଯିବ, ଯାହାର ଅର୍ଥରାଶି, ଏପରି ଯାନବାହନର ଭଡ଼ା ନିମନ୍ତେ ସେହି ଅ□ଳରେ ପ୍ରଚଳିତ ଭଡ଼ା କିମ୍ବା ହାରର ଭି□ରେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯିବ :

ପରନ୍ତୁ ଯେଉଁ କ୍ଷେତ୍ରରେ ଏପରି ଯାନବାହନର ମାଲିକ, ଏପରି ନିର୍ଦ୍ଧାରିତ କ୍ଷତିପୂରଣ ଅର୍ଥରାଶିରେ କ୍ଷୁବ୍ଧ ହୁଅନ୍ତି, ତେବେ ଧାର୍ଯ୍ୟ ସମୟସୀମା ମଧ୍ୟରେ, ଯଥାସ୍ଥିତି, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କୁ, ଜଣେ ମଧ୍ୟସ୍ଥଙ୍କ ନିକଟକୁ ଯଦି ବିଚାରାର୍ଥେ ପ୍ରେରଣ କରିବାପାଇଁ ଆବେଦନ କରନ୍ତି, ତେବେ ଯଥାସ୍ଥିତି, ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କଦ୍ୱାରା ନିଯୁକ୍ତ ଏପରି ମଧ୍ୟସ୍ଥ ଯେପରି ନିର୍ଦ୍ଧାରଣ କରିବେ ସେପରି କ୍ଷତିପୂରଣ ଅର୍ଥରାଶି ତାଙ୍କୁ ପ୍ରଦାନ କରାଯିବ :

ପରନ୍ତୁ ଅଧିକନ୍ତୁ ଯେଉଁ କ୍ଷେତ୍ରରେ ବରାଦର ଠିକ୍ ପୂର୍ବରୁ ଯାନବାହନ କିମ୍ବା ପୋତ ଏକ କିସ୍ତିବଳି ରାଜିନାମା ବଳରେ ମାଲିକ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିଙ୍କ ଦଖଲରେ ଥାଏ, ଏହି ଉପ-ଧାରା ଅନୁସାରେ ବରାଦ ସମ୍ବନ୍ଧରେ ଧାର୍ଯ୍ୟ ସମୁଦାୟ ପ୍ରଦେୟ ଧନରାଶି, ସେହି ବ୍ୟକ୍ତି ଏବଂ ମାଲିକଙ୍କ ମଧ୍ୟରେ, ସେମାନେ ଯେପରି ରାଜିନାମାରେ ଉପନୀତ ହେବେ, ସେପରି

ଭାବରେ ଆବ□ି ହେବ ଏବଂ ରାଜିନାମାର ଖିଲାପରେ, ଯଥାସ୍ଥିତି, କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ମଧ୍ୟସ୍ଥ, ଏ ସଂକ୍ରାନ୍ତରେ ଯେପରି ନିଷ୍ପ□ ନେବେ ସେପରି ରୀତିରେ ଆବ□ନ୍ କରାଯିବ ।

**ଧାରା-୬୭: ସତର୍କତା ଇତ୍ୟାଦିର ସଂସୂଚନା ନିମନ୍ତେ ଗଣ-ମାଧ୍ୟମକୁ ନିର୍ଦ୍ଦେଶ**

**(Direction to Media for Communication of Warning etc.) :**

ଜାତୀୟ ପ୍ରାଧିକରଣ, ରାଜ୍ୟ ପ୍ରାଧିକରଣ କିମ୍ବା ଏକ ଜିଲ୍ଲା ପ୍ରାଧିକରଣ, କୌଣସି ଭୟାବହ ବିପର୍ଯ୍ୟୟ ପରିସ୍ଥିତି କିମ୍ବା ବିପର୍ଯ୍ୟୟ ସମ୍ବନ୍ଧରେ କୌଣସି ସତର୍କତା କିମ୍ବା ଉପଦେଶର ପ୍ରସାର ନିମନ୍ତେ କୌଣସି ଶ୍ରାବ୍ୟ କିମ୍ବା ଶ୍ରାବ୍ୟ-ଦୃଶ୍ୟ ଗଣ-ମାଧ୍ୟମ ନିୟନ୍ତ୍ରଣରେ ଥିବା କୌଣସି ପ୍ରାଧିକାରୀ କିମ୍ବା ବ୍ୟକ୍ତିଙ୍କୁ କିମ୍ବା ଯଥା ଉପଲବ୍ଧ ଏପରି ଅନ୍ୟାନ୍ୟ ସଂସୂଚନା-ମାଧ୍ୟମକୁ ଦେବା ନିମନ୍ତେ, ସରକାରଙ୍କୁ ସୁପାରିଶ କରିବେ ।

**ଧାରା-୬୮: ଆଦେଶାବଳୀ କିମ୍ବା ନିର୍ଦ୍ଦେଶାବଳୀର ଅଧିପ୍ରମାଣ**

**(Authentication of Orders or Directions) :**

ଜାତୀୟ ପ୍ରାଧିକରଣ କିମ୍ବା ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ରାଜ୍ୟ ପ୍ରାଧିକରଣ କିମ୍ବା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣର ପ୍ରତ୍ୟେକ ଆଦେଶ କିମ୍ବା ନିଷ୍ପ□, ଜାତୀୟ ପ୍ରାଧିକରଣ କିମ୍ବା ଜାତୀୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣଦ୍ୱାରା ଏ ସଂକ୍ରାନ୍ତରେ ଯଥା ପ୍ରାଧିକୃତ ଏପରି ଅଧିକାରୀମାନଙ୍କ ଦ୍ୱାରା ଅଧିପ୍ରମାଣିତ ହେବ ।

**ଧାରା-୬୯: କ୍ଷମତାର ଅଧିକାର ଅର୍ପଣ**

**(Delegation of Powers) :**

ଯଥାସ୍ଥିତି, ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି, ଏପରି ସ□ଓ ସୀମାବନ୍ଧନ ସାପେକ୍ଷରେ, ଏହି ଅଧିନିୟମ ଅନୁସାରେ, ଯେପରି ଆବଶ୍ୟକ ବିବେଚିତ ହେବ, ସେପରିଭାବେ ତାହାର ସବୁ କ୍ଷମତା ଏବଂ କାର୍ଯ୍ୟ, ସଭାପତି କିମ୍ବା ଅନ୍ୟ କୌଣସି ସଦସ୍ୟଙ୍କୁ କିମ୍ବା ଅନ୍ୟ ଅଧିକାରୀଙ୍କୁ, ଲିଖିତଭାବେ ଏକ ସାଧାରଣ କିମ୍ବା ସ୍ୱତନ୍ତ୍ର ଆଦେଶ ବଳରେ, ଅଧିକାର ଅର୍ପଣ କରିବେ ।

**ଧାରା-୭୦: ବାର୍ଷିକ ବିବରଣୀ (Annual Report) :**

(୧) ଜାତୀୟ ପ୍ରାଧିକରଣ, ବର୍ଷକୁ ଥରେ, ଯେପରି ଧାର୍ଯ୍ୟ କରାଯିବ ସେପରି ପ୍ରରୂପ ଏବଂ ସେପରି ସମୟରେ, ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ, ଯହିଁରେ ତାଙ୍କର ପୂର୍ବ ବର୍ଷର କାର୍ଯ୍ୟକଳାପର ଏକ ସତ୍ୟ ଏବଂ ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ ଏବଂ ଏହାର ଏକକିତା ନକଲ କେନ୍ଦ୍ର ସରକାରଙ୍କୁ ପ୍ରେରଣ କରିବେ

ଏବଂ ସେହି ସରକାର ଏହାକୁ ପାଇବାର ଏକମାସ ମଧ୍ୟରେ ପାର୍ଲିଆମେଣ୍ଟର ଉଭୟ ଗୃହରେ ତାହା ଉପସ୍ଥାପନ କରିବେ ।

(୨) ରାଜ୍ୟ ପ୍ରାଧିକରଣ, ବର୍ଷକୁ ଥରେ, ଯେପରି ଧାର୍ଯ୍ୟ କରାଯିବ ସେପରି ପ୍ରରୂପ ଏବଂ ସେପରି ସମୟରେ, ଏକ ବାର୍ଷିକ ବିବରଣୀ ପ୍ରସ୍ତୁତ କରିବେ, ଯହିଁରେ ତାଙ୍କର ପୂର୍ବ ବର୍ଷର କାର୍ଯ୍ୟକଳାପର ଏକ ସତ୍ୟ ଏବଂ ପୂର୍ଣ୍ଣ ବିବରଣୀ ପ୍ରଦାନ କରାଯିବ ଏବଂ ଏହାର ନକଲଗୁଡ଼ିକ ରାଜ୍ୟ ସରକାରଙ୍କୁ ପ୍ରେରଣ କରିବେ ଏବଂ ସେହି ସରକାର ଏହାକୁ ପାଇବାର ଏକମାସ ମଧ୍ୟରେ, ରାଜ୍ୟ ବିଧାନମଣ୍ଡଳର ଯେଉଁଠି ଦୁଇଟି ଗୃହ ଥିବ, ଉଭୟ ଗୃହରେ ଏବଂ ଯେଉଁଠି ଗୋଟିଏ ଗୃହ ଥିବ, ଉକ୍ତ ଗୃହରେ ଉପସ୍ଥାପନ କରିବେ ।

**ଧାରା-୭୧: ନ୍ୟାୟାଳୟର ଆଧିକାରିତାର ପ୍ରତିବନ୍ଧ (Bar of Jurisdiction of Court) :**

କୌଣସି ନ୍ୟାୟାଳୟ (ସର୍ବୋଚ୍ଚ ନ୍ୟାୟାଳୟ କିମ୍ବା ଏକ ଉଚ୍ଚ ନ୍ୟାୟାଳୟ ବ୍ୟତୀତ)ରେ କେନ୍ଦ୍ର ସରକାର, ଜାତୀୟ ପ୍ରାଧିକରଣ, ରାଜ୍ୟ ସରକାର, ରାଜ୍ୟ ପ୍ରାଧିକରଣ କିମ୍ବା ଜିଲ୍ଲା ପ୍ରାଧିକରଣଙ୍କ ଦ୍ୱାରା, ଏହି ଅଧିନିୟମଦ୍ୱାରା ତାଙ୍କ ଉପରେ ଅର୍ପିତ କୌଣସି କ୍ଷମତାର ପ୍ରୟୋଗକ୍ରମେ କରାଯାଇଥିବା କୌଣସି କାର୍ଯ୍ୟ, ଗୃହୀତ କାର୍ଯ୍ୟାନୁଷ୍ଠାନ, ପ୍ରଦାନ କରାଯାଇଥିବା ଆଦେଶ, ନିର୍ଦ୍ଦେଶ, ଅନୁଦେଶ କିମ୍ବା ଜାରି କରାଯାଇଥିବା ପଥ-ପ୍ରଦର୍ଶିକା ସମ୍ବନ୍ଧରେ କୌଣସି ମକଦ୍ଦମା କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ।

**ଧାରା-୭୨: ଅଧିନିୟମର ଅଧ୍ୟାରୋହୀ ପ୍ରଭାବ (Act to Have Overriding Effect) :**

ତତ୍କାଳୀନ ବଳବତ୍ତର ଅନ୍ୟ କୌଣସି ଆଇନ୍‌ରେ ନିହିତ କୌଣସି ଅସାମଞ୍ଜସ୍ୟ ଥିବା ସତ୍ତ୍ୱେ କିମ୍ବା ଏହି ଅଧିନିୟମ ବ୍ୟତୀତ, ଅନ୍ୟ କୌଣସି ଆଇନ ବଳରେ ପ୍ରଭାବ ଥିବା କୌଣସି ବିଲେଖରେ ଯାହାକିଛି ଥିବା ସତ୍ତ୍ୱେ, ଏହି ଅଧିନିୟମର ବ୍ୟବସ୍ଥାବଳୀ ପ୍ରଭାବଶାଳୀ ହୋଇ ରହିବ ।

**ଧାରା-୭୩: ସଦ୍‌ଭାବନାପୂର୍ବକ କରାଯାଇଥିବା କାର୍ଯ୍ୟାନୁଷ୍ଠାନ**
**(Action Taken in Good Faith) :**

କେନ୍ଦ୍ର ସରକାର କିମ୍ବା ଜାତୀୟ ପ୍ରାଧିକରଣ କିମ୍ବା ରାଜ୍ୟ ସରକାର କିମ୍ବା ରାଜ୍ୟ ପ୍ରାଧିକରଣ କିମ୍ବା ଜିଲ୍ଲା ପ୍ରାଧିକରଣ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କିମ୍ବା କେନ୍ଦ୍ର ସରକାର କିମ୍ବା ଜାତୀୟ ପ୍ରାଧିକରଣ କିମ୍ବା ରାଜ୍ୟ ସରକାର କିମ୍ବା ରାଜ୍ୟ ପ୍ରାଧିକରଣ କିମ୍ବା ଜିଲ୍ଲା ପ୍ରାଧିକରଣ କିମ୍ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କୌଣସି ଅଧିକାରୀ କିମ୍ବା କର୍ମଚାରୀଙ୍କଦ୍ୱାରା କିମ୍ବା ଏପରି ସରକାର କିମ୍ବା ତରଫରୁ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତିଙ୍କଦ୍ୱାରା ଏହି ଅଧିନିୟମ କିମ୍ବା ତତ୍ ସଂକ୍ରାନ୍ତରେ ନିୟମାବଳୀ କିମ୍ବା ବିନିୟମନର ବ୍ୟବସ୍ଥାବଳୀ ଅନୁସାରେ ସଦ୍‌ଭାବନା ପୂର୍ବକ କରାଯାଇଥିବା

କୌଣସି କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ, ସେମାନଙ୍କ ବିରୁଦ୍ଧରେ କୌଣସି ଅଦାଲତରେ କୌଣସି ମକଦ୍ଦମା କିମ୍ବା ଅଭିଯୋଜନ ଦାଏର କରାଯାଇପାରିବ ନାହିଁ ।

**ଧାରା-୭୪: ବିଧିଗତ ପ୍ରକ୍ରିୟାରୁ ପ୍ରତିରୋଧ**

**(Immunity from Legal Process) :**

କେନ୍ଦ୍ର ସରକାର, ଜାତୀୟ ପ୍ରାଧିକରଣ, ଜାତୀୟ କାର୍ଯ୍ୟନିର୍ବାହୀ କମିଟି, ରାଜ୍ୟ ସରକାର, ରାଜ୍ୟ କାର୍ଯ୍ୟନିର୍ବାହୀ କମିଟି କିମ୍ବା ଜିଲ୍ଲା ପ୍ରାଧିକରଣ ସେମାନଙ୍କର କାର୍ଯ୍ୟାଳୟଗତ କ୍ଷମତା ବଳରେ ସେମାନଙ୍କଦ୍ୱାରା କୌଣସି ଆସନ୍ନ ବିପର୍ଯ୍ୟୟ ସମ୍ବନ୍ଧରେ ଜାରି କରାଯାଇଥିବା କିମ୍ବା ପ୍ରସାରିତ କରାଯାଇଥିବା ସତର୍କତାମୂଳକ ପଦକ୍ଷେପ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କିମ୍ବା ନିର୍ଦ୍ଦେଶ ଜାରି ପାଇଁ ସେମାନେ ବୈଧିକ ପ୍ରକିୟାରୁ ପ୍ରତିରୋଧିତ ହେବେ ।

**ଧାରା-୭୫: ନିୟମାବଳୀ ପ୍ରଣୟନ ନିମନ୍ତେ କେନ୍ଦ୍ର ସରକାରଙ୍କ କ୍ଷମତା**

**(Power of Central Government to Make Rules) :**

(୧) କେନ୍ଦ୍ର ସରକାର, ସରକାରୀ ରାଜପତ୍ରରେ ବିଜ୍ଞପ୍ତି ଦ୍ୱାରା, ଏହି ଅଧିନିୟମର ଉଦ୍ଦେଶ୍ୟ ସାଧନ ନିମନ୍ତେ ନିୟମାବଳୀ ପ୍ରଣୟନ କରିପାରିବେ ।

(୨) ନିର୍ଦ୍ଦିଷ୍ଟ ଭାବରେ ଏବଂ ପୂର୍ବଗାମୀ କ୍ଷମତାର ବ୍ୟାପକତାରେ କୌଣସି ଆ□ନ ଆଣି, ଏପରି ନିୟମାବଳୀ, ନିମ୍ନୋକ୍ତ ବିଷୟଗୁଡ଼ିକ ମଧ୍ୟରୁ ସବୁ କିମ୍ବା ଯେକୌଣସି ଗୋଟିଏ ବିଷୟରେ ବ୍ୟବସ୍ଥା କରିପାରିବ, ଯଥା :–

(କ) ଉପଧାରା(୨) ଅନୁସାରେ ଜାତୀୟ ପ୍ରାଧିକରଣର ଗଠନ ଏବଂ ସଦସ୍ୟଙ୍କ ସଂଖ୍ୟା ଏବଂ ୩ ଧାରାର ଉପଧାରା(୪) ଅନୁସାରେ ଜାତୀୟ ପ୍ରାଧିକରଣର ସଦସ୍ୟମାନଙ୍କର କାର୍ଯ୍ୟକାଳ ଏବଂ ସେବା ସ□ବଳୀ;

(ଖ) ୭ ଧାରାର ଉପଧାରା(୨) ଅନୁସାରେ ପରାମର୍ଶଦାତା କମିଟିର ସଦସ୍ୟମାନଙ୍କୁ ପ୍ରଦେୟ ଭ□;

(ଗ) ୮ ଧାରା ଉପଧାରା(୩) ଅନୁସାରେ ଜାତୀୟ କାର୍ଯ୍ୟନିର୍ବାହୀ କମିଟିର ସଭାପତିଙ୍କ କ୍ଷମତା ଓ କାର୍ଯ୍ୟ;

(ଘ) ୯ ଧାରାର ଉପଧାରା(୩) ଅନୁସାରେ ଜାତୀୟ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ଗଠିତ ଉପ-କମିଟି ସହିତ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କୁ ପ୍ରଦେୟ ଭ□;

(ଙ) ଉପଧାରା(୨) ଅନୁସାରେ ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନର ସଦସ୍ୟମାନଙ୍କ ସଂଖ୍ୟ, ଉପଧାରା(୩) ଅନୁସାରେ ସଦସ୍ୟମାନଙ୍କର କାର୍ଯ୍ୟକାଳ ଏବଂ ସେମାନଙ୍କ ମଧ୍ୟରେ ଶୂନ୍ୟତା ଏବଂ ତାହାର ପରିପୂରଣର

ରୀତି ଏବଂ ୪୨ ଧାରାର ଉପଧାରା(୪) ଅନୁସାରେ ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନର ପରିଚାଳକ-ନିକାୟର ଗଠନ ପ୍ରଣାଳୀ;

(ଚ) ୪୪ ଧାରାର ଉପଧାରା(୨) ଅନୁସାରେ ଶୃଙ୍ଖଳାଗତ ବ୍ୟବସ୍ଥା ସମେତ ବଳ ଗଠନର ରୀତି, ବଳର ସଦସ୍ୟମାନଙ୍କର ସେବା ସ□ବଳୀ;

(ଛ) ୬୦ ଧାରାର ଖଣ୍ଡ(ଖ) ଅନୁସାରେ ଅପରାଧର ନୋଟିସ୍ ଜାରି କରାଯିବାର ରୀତି ଏବଂ ଜାତୀୟ ପ୍ରାଧିକରଣ, ରାଜ୍ୟ ପ୍ରାଧିକରଣ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଅନ୍ୟ ପ୍ରାଧିକାରୀ କିମ୍ବା ଅଧିକାରୀଙ୍କ ନିକଟରେ ଫରିଆଦ କରିବାର ଅଭିପ୍ରାୟର ରୀତି;

(ଜ) ୭୦ ଧାରା ଅନୁସାରେ ବାର୍ଷିକ ବିବରଣୀର ପ୍ରରୂପ ଏବଂ କେଉଁ ସମୟ ଭିତରେ ତାହା ପ୍ରସ୍ତୁତ କରାଯିବ;

(ଝ) ନିୟମାବଳୀରେ ବ୍ୟବସ୍ଥା କରିବା ସମ୍ବନ୍ଧରେ କିମ୍ବା ଧାର୍ଯ୍ୟ କରାଯିବା ଉଦ୍ଦେଶ୍ୟରେ ଅନ୍ୟ ଯେକୌଣସି ବିଷୟ ।

**ଧାରା-୭୬: ବିନିୟମନ ପ୍ରଣୟନ କରିବା ନିମନ୍ତେ କ୍ଷମତା**
**(Power to Make Regulations) :**

(୧) ବିପର୍ଯ୍ୟୟ ପରିଚାଳନାର ଜାତୀୟ ଅନୁଷ୍ଠାନ, କେନ୍ଦ୍ର ସରକାରଙ୍କ ପୂର୍ବାନୁମୋଦନ କ୍ରମେ ସରକାରୀ ରାଜପତ୍ରରେ ବିଜ୍ଞପ୍ତିଦ୍ୱାରା ଏହି ଅଧିନିୟମ ଏବଂ ତତ୍ପ୍ରଣୀତ ନିୟମାବଳୀର ଉଦ୍ଦେଶ୍ୟର ପରିପାଳନ ନିମନ୍ତେ ଏହି ଅଧିନିୟମ ସହିତ ପ୍ରାସଙ୍ଗିକ ବିନିୟମନଗୁଡ଼ିକ ପ୍ରଣୟନ କରିପାରିବେ ।

(୨) ନିର୍ଦ୍ଦିଷ୍ଟ ଭାବରେ ଏବଂ ପୂର୍ବଗାମୀ କ୍ଷମତାର ବ୍ୟାପକତାରେ କୌଣସି ଆଞ୍ଚ ନ ଆଣି, ଏପରି ବିନିୟମନଗୁଡ଼ିକରେ ନିମ୍ନୋକ୍ତ ସବୁ କିମ୍ବା ଯେକୌଣସି ଗୋଟିଏ ବିଷୟରେ ବ୍ୟବସ୍ଥା ରହିବ, ଯଥା :–

(କ) ପରିଚାଳକ ନିକାୟ ଦ୍ୱାରା ପ୍ରୟୋଗ ନିମନ୍ତେ ଉଦ୍ଦିଷ୍ଟ କ୍ଷମତା ଏବଂ ନିର୍ବାହ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟ;

